KEY CONCEPTS • ADVOCACY • HUMAN
RIGHTS • CONTRACEPTION • SOCIAL
MEDIA • LAW • COMMUNICATION
MYTHS • COMMUNICATION • SOCIAL
MEDIA • मुख्य अवधारणायें – जेंडर एवं
यौनिकता मानवाधिकार • कानून • गलत धारणाएं
संवाद गर्भनिरोध • सेवाएं • व्यापकता • वकालत
वकालत • सोशल मीडिया • KEY CONCEPTS
ADVOCACY • HUMAN RIGHTS • MYTHS
CONTRACEPTION •

# ଗର୍ଭସମାପ୍ତି ଏକ କଳଙ୍କ ପୁସ୍ତିକା।

COMMUNICATION • LAW • INCIDENCE
COMMUNICATION • SOCIAL MEDIA
मुख्य अवधारणायें – जेंडर एवं यौनिकता • संवाद
मानवाधिकार • कानून • गलत धारणाएं • गर्भनिरोध
सेवाएं • व्यापकता • वकालत • सोशल मीडिया • KEY
CONCEPTS • ADVOCACY • MYTHS • LAW
CONTRACEPTION • COMMUNICATION
SOCIAL MEDIA • MYTHS • INCIDENCE
COMMUNICATION • CONTRACEPTION
LAW • KEY CONCEPTS • ADVOCACY

# #AbortTheStigma
## A toolkit

Abortion stigma is a powerful deterrent to accessing safe abortion services. As a result, a woman dies every two hours due to unsafe abortion. Despite decades of progressive law, policy reform and huge strides in developing and providing transformative methods to perform abortion (including medical abortion pills), much remains to be done.

This toolkit draws on materials created as part of CREA's #AbortTheStigma campaign, that seeks to normalize conversations around safe abortion. In addition, it draws on the curriculum developed for CREA and CommonHealth's annual Abortion, Gender and Rights Institute.

This toolkit is meant for broadest possible use by trainers, activists, teachers, front-line health workers, peer educators, community based volunteers and civil society organizations working on issues of comprehensive sexuality education (CSE),women'srights,health,gender and sexuality.

# ଗର୍ଭସମାପ୍ତି ଏକ କଳଙ୍କ ପୁସ୍ତିକା (ଟୁଲକିଟ)

ଗର୍ଭସମାପ୍ତି କରୁଥିବା ମହିଳାମାନଙ୍କ ପ୍ରତି ସାମାଜିକ ଅପବାଦ ଏବଂ ଲାଂଛନା ନିରାପଦ ଗର୍ଭସମାପ୍ତି ସେବା ପାଇଁ ସବୁଠାରୁ ବଡ ପ୍ରତିବନ୍ଧକ ଅଟେ । ଯାହା ଫଳରେ ପ୍ରତ୍ୟେକ ଦୁଇ ଘଣ୍ଟାରେ ଜଣେ ମହିଳାଙ୍କର ଅସୁରକ୍ଷିତ ଗର୍ଭସମାପ୍ତି ପାଇଁ ମୃତ୍ୟୁ ହେଉଛି । ଦଶନ୍ଧି ଧରି ପ୍ରଗତିଶୀଳ ଆଇନ, ସରକାରୀ ନୀତିରେ ବ୍ୟାପକ ସୁଧାର ଏବଂ ଅନେକ ବିକାଶଶୀଳ ଦିର୍ଘସ୍ଥାୟୀ ପଦକ୍ଷେପ ଏବଂ ଗର୍ଭସମାପ୍ତିକୁ ନିୟମିତ ପଦ୍ଧତି (ଡାକ୍ତରୀ ଗର୍ଭସମାପ୍ତି ବଟିକା) ରୁପାନ୍ତରିକରଣ କରିବା ସତ୍ତ୍ୱେ ଆହୁରି ଅନେକ କିଛି କରିବାର ଅଛି ।

ଏହି ପୁସ୍ତିକାଟି CREA#AbortTheStigma ଗର୍ଭସମାପ୍ତି ଅପବାଦ ଅଭିଯାନର ବିଷୟବସ୍ତୁ ଗୁଡ଼ିକରୁ ପ୍ରସ୍ତୁତ କରାଯାଇଛି । ଯେଉଁଥିରେ ନିରାପଦ ଗର୍ଭସମାପ୍ତି ବିଷୟକୁ ସରଳ ଭାବରେ ଆଲୋଚନା କରିବା ପାଇଁ ପ୍ରୟାସ କରାଯାଇଛି । ଏହା ସହିତ କମନହେଲ୍ଥ ଏବଂ CREA ବାର୍ଷିକ ଗର୍ଭସମାପ୍ତି ଓ ଲିଙ୍ଗଗତ ଅଧିକାର ଅନୁଷ୍ଠାନ, ପାଠ୍ୟକ୍ରମ ମଧ୍ୟରୁ କିଛି ବିଷୟ ବସ୍ତୁକୁ ଅଣାଯାଇଛି ।

ଏହି ପୁସ୍ତିକାଟି ବିଶେଷ ଭାବରେ ବ୍ୟାପକ ଯୌନଶିକ୍ଷା(CSE) ସୁଦୁର ପ୍ରସାରି କରିବା ଉଦ୍ଦେଶ୍ୟରେ ପ୍ରଶିକ୍ଷକ, ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ସମାଜସେବୀ, ସମସାମୟିକ ଶିକ୍ଷାଦାତା, ଗୋଷ୍ଠିସ୍ତରୀୟ ସ୍ୱେଚ୍ଛାସେବୀ, ଏବଂ ମହିଳା ଅଧିକାର, ସ୍ୱାସ୍ଥ୍ୟ, ଲିଙ୍ଗଗତ ଭେଦଭାବ ଏବଂ ଯୌନ ସମ୍ପର୍କରେ ବ୍ୟାପକ ରୂପେ କାର୍ଯ୍ୟ କରୁଥିବା ସମାଜସେବୀ ଅନୁଷ୍ଠାନମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ।

LANGUAGE • SAFE ABORTION •
GUIDE WORDS • HUMAN RIGHTS
VISUALS GUIDE • SAFE ABORTION
• WORDS LANGUAGE • AUDIENCE
• IMAGES CONSENT • LANGUAGE
• AGENCY CONTENT • GUIDE
•SAFE ABORTION LANGUAGE •
HUMAN RIGHTS VISUALS • GUIDE •
AUDIENCE HUMAN RIGHTS • SAFE
ABORTION •AGENCY ଗର୍ଭସମାପ୍ତି +
• AGENCY CONTENT ଯୋଗାଯୋଗ
ABORTION •AGENCY • LANGUAGE
• IMAGES GUIDE • VISUALS • SAFE
ABORTION WORDS • GUIDE
LANGUAGE AUDIENCE • CONSENT
AGENCY IMAGES • GUIDE • CONTENT
• HUMAN RIGHTS • LANGUAGE
CONSENT WORDS • VISUALS AGENCY
• GUIDE CONSENT • CONTENT

## ଶବ୍ଦ

ଭାଷା ବା ଶବ୍ଦ ହେଉଛି ଏକ ମାଧ୍ୟମରେ ଯାହାଦ୍ୱାରା ଅପବାଦ ଗୁଡ଼ିକୁ ଚିରସ୍ଥାୟୀ କରିହେବ । ଏବଂ ଏହି ମାଧ୍ୟମ ଦ୍ୱାରା ନିଜର ଅଧିକାର ଓ ପସନ୍ଦ ପାଇଁ ସ୍ୱର ଉତ୍ତୋଳନ କରାଯାଇପାରିବ । ଏହି ତଥ୍ୟ ସମ୍ବଳିତ ମାର୍ଗଦର୍ଶିକାଟି ଲିଙ୍ଗଗତ ଅଧିକାର ପରିପ୍ରେକ୍ଷିରେ ପର୍ଯ୍ୟବେକ୍ଷିତ । ଏଥିରେ ବ୍ୟବହୃତ ଶବ୍ଦାବଳୀ ନିରାପଦ ଗର୍ଭସମାପ୍ତି ଏବଂ ଏହାର ବିକଳ୍ପ ଗୁଡ଼ିକୁ ସୁପାରିଶ କରିବା ପାଇଁ ସାଧାରଣ ଭାବରେ ବ୍ୟବହୃତ ଭାଷାରେ ଆଲୋଚନା କରାଯାଇଛି ।

| ବ୍ୟବହାର କରନ୍ତୁ ନାହିଁ | ବ୍ୟବହାର କରନ୍ତୁ | କାରଣ |
|---|---|---|
| ଗର୍ଭସମାପ୍ତି ବେଆଇନ ଅଟେ | ଏହି ଭାଷାର ...... | କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଗର୍ଭସମାପ୍ତି ବୈଧ ଅଟେ । |

| ବ୍ୟବହାର କରନ୍ତୁ ନାହିଁ | ବ୍ୟବହାର କରନ୍ତୁ | କାରଣ |
|---|---|---|
| ପିଲା ନଷ୍ଟ କରିବା,ଗର୍ଭପାତ କରିବା । | ଗର୍ଭସମାପନ କରିବା ବା ଗର୍ଭସମାପ୍ତି କରିବା । | ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ପିଲା ଏକ ତ୍ରୁଟିପୂର୍ଣ୍ଣ ଶବ୍ଦ ଯେହେତୁ ଏହା ଏକ ବ୍ୟକ୍ତିକୁ ପ୍ରତିଫଳିତ କରେ ଏବଂ ଏପର୍ଯ୍ୟନ୍ତ ଗର୍ଭଟି ସେ ଅବସ୍ଥାକୁ ବିକଶିତ ହୋଇନଥାଏ । ପିଲା ନଷ୍ଟକରିବା ଏକ ବିପରୀତ ଅର୍ଥକୁ ବୁଝାଏ ଏବଂ ଶୁଣିବାକୁ ନିଷ୍ଠୁର ବା ଅପ୍ରିତୀକର ଲାଗେ । |

### ବ୍ୟବହାର କରନ୍ତୁ ନାହିଁ

କନ୍ୟା ଭ୍ରୂଣ ହତ୍ୟା, ଲିଙ୍ଗ ହେତୁକ ହତ୍ୟା, କନ୍ୟା ପାଇଁ ଗର୍ଭପାତ ।

### ବ୍ୟବହାର କରନ୍ତୁ

ଗର୍ଭସ୍ଥ ଭ୍ରୂଣର ଲିଙ୍ଗକୁ ଆଧାର କରି ଗର୍ଭଧାରଣ ଶେଷ କରିବା ।

### କାରଣ

ହତ୍ୟା ଶବ୍ଦ ମୃତ୍ୟୁକୁ ସୂଚାଇ ଥାଏ ତେଣୁ ଗର୍ଭସମାପ୍ତିକୁ ବ୍ୟାଖ୍ୟା କରିବା ସମୟରେ ହତ୍ୟା ଶବ୍ଦର ବ୍ୟବହାର ଉପଯୁକ୍ତ ନୁହେଁ ।

### ବ୍ୟବହାର କରନ୍ତୁ ନାହିଁ

ଗୋଟେ ପିଲା'ଟାରୁ ମୁକ୍ତି ମିଳିଲା । ଜନ୍ମ ହେବା ପୂର୍ବରୁ ଶିଶୁକୁ ମାରିଦେବା ।

### ବ୍ୟବହାର କରନ୍ତୁ

ଗର୍ଭଧାରଣ ଜାରିରଖିବାକୁ ଇଚ୍ଛା କରିବା ।

### କାରଣ

ରଖିବା ଶବ୍ଦ ଏକ ସକାରାତ୍ମକ ଫଳାଫଳକୁ ସୂଚିତ କରିଥାଏ ଯାହା ହୁଏତ ଅବସ୍ଥାକୁ ଠିକ୍ ଭାବରେ ପ୍ରତିଫଳିତ କରି ନଥାଇପାରେ । ଗର୍ଭଧାରଣକୁ ପିଲା ବା ଶିଶୁ ବୋଲି ବର୍ଣ୍ଣନା କରିବା ଡାକ୍ତରୀ ଦୃଷ୍ଟିକୋଣରୁ ମଧ୍ୟ ସଠିକ୍ ନୁହେଁ ।

### ବ୍ୟବହାର କରନ୍ତୁ ନାହିଁ

ମୃତଭ୍ରୂଣ, ଅଜନ୍ମିତ ଶିଶୁ, ଅଜନ୍ମିତ ପିଲା ।

### ବ୍ୟବହାର କରନ୍ତୁ

ଭ୍ରୂଣ (ଗର୍ଭଧାରଣର ୧୦ ସପ୍ତାହ ପର୍ଯ୍ୟନ୍ତ) ଗର୍ଭସ୍ଥ ଶିଶୁ (ଗର୍ଭଧାରଣର ୧୦ ସପ୍ତାହ ପରବର୍ତ୍ତି ସମୟ)

### କାରଣ

ଭ୍ରୂଣ ସେ ପର୍ଯ୍ୟନ୍ତ ଶିଶୁରେ ପରିଣତ ହୋଇନଥାଏ । ପିଲା ବା ଛୁଆ ହେବାପାଇଁ ଜନ୍ମହେବା ହେବା ଆବଶ୍ୟକ । ସାମ୍ପ୍ରତିକ ସ୍ଥିତିରେ ଅଜନ୍ମିତ ଶିଶୁ ଶବ୍ଦ ଏକ ଗର୍ଭସମାପ୍ତି ବିରୁଦ୍ଧ ଉଦ୍ଭାବନ ଏବଂ ବିରୋଧାତ୍ମକ ଶବ୍ଦ ଅଟେ । ଜନ୍ମ ହେବା ପରେ ହିଁ ମାନବିକ ଅଧିକାର ଆରମ୍ଭ ହୁଏ । ଏ କ୍ଷେତ୍ରରେ ଶିଶୁ ଶବ୍ଦ ଡାକ୍ତରୀ ଦୃଷ୍ଟି କୋଣରୁ ତ୍ରୁଟିପୂର୍ଣ୍ଣ ଅଟେ ।

“ଆଞ୍ଚଳିକ ଭାଷାରେ ଏହି ମାର୍ଗଦର୍ଶିକାଟିକୁ ବିକଶିତ କର ଏବଂ ସହଭାଗୀ ଅନୁଷ୍ଠାନ ଯେଉଁମାନଙ୍କର ଏହି ବିଷୟବସ୍ତୁ ଉପରେ ଆଗ୍ରହ ଏବଂ ଅଭିଜ୍ଞତା ଅଛି ସେମାନଙ୍କୁ ଏଥିରେ ଯୋଡ଼ । ସେହିମାନଙ୍କଠାରୁ ଉପଯୁକ୍ତ ଶବ୍ଦାବଳୀ ତଥା ଆବଶ୍ୟକ ମତାମତ ଏବଂ ତଥ୍ୟ ସଂଗ୍ରହ କର ।”

### ବ୍ୟବହାର କରନ୍ତୁ ନାହିଁ

ପିଲାରୁ ମୁକ୍ତି /ଜନ୍ମହେବା ପୂର୍ବରୁ ଶିଶୁକୁ ମାରିବା ।

### ବ୍ୟବହାର କରନ୍ତୁ

ଗର୍ଭସମାପ୍ତିକୁ ବାଛନ୍ତୁ ; ଗର୍ଭଧାରଣକୁ ଶେଷ କରିବାପାଇଁ ନିଷ୍ପତି ନିଅନ୍ତୁ ।

### କାରଣ

ମହିଳାଙ୍କୁ ଦୋଷ ଦେବା କଥା ନୁହଁ । ମହିଳାମାନଙ୍କର ନିଷ୍ପତି ନେବାର ଅଧିକାରକୁ ପ୍ରାଧାନ୍ୟ ଦେବା କଥା ।

### ବ୍ୟବହାର କରନ୍ତୁ ନାହିଁ

ଗର୍ଭସମାପ୍ତିକୁ ପ୍ରତିରୋଧ କରିବା ; ଗର୍ଭସମାପ୍ତିର ସଂଖ୍ୟାକୁ କମ କରିବା ।

### ବ୍ୟବହାର କରନ୍ତୁ

ଅବାଂଛିତ ଗର୍ଭଧାରଣକୁ ପ୍ରତିରୋଧ କରିବା ; ଅନିଛାକୃତ ଗର୍ଭଧାରଣ ସଂଖ୍ୟାକୁ କମ୍ କରିବା ।

### କାରଣ

ଅନିଛାକୃତ ଗର୍ଭଧାରଣ ପାଇଁ ସାଧାରଣତଃ ମହିଳାମାନେ ଗର୍ଭସମାପ୍ତି ଗ୍ରହିଁଥାନ୍ତି । ସେଥିପାଇଁ ଅନିଛାକୃତ ଗର୍ଭଧାରଣ ଠାରୁ ଦୂରେଇ ରହିବା ଏବଂ ଏହାର ସଂଖ୍ୟାକୁ କମ କରିବା ।

**ନିମ୍ନ ଲିଖିତ ଶବ୍ଦଗୁଡ଼ିକୁ ଅଦଳବଦଳ କରି କହିବାଠାରୁ ଦୂରେଇ ରହିବା ।**

ଅବୈଧ ଗର୍ଭସମାପ୍ତି

≠

ଅସୁରକ୍ଷିତ ଗର୍ଭସମାପ୍ତି

ଅବୈଧ ଗର୍ଭସମାପ୍ତି ଆଇନର ଉଲଙ୍ଘନ ଅଟେ

କିନ୍ତୁ ଏହା ନିରାପଦ ମଧ୍ୟ ହୋଇପାରେ

ଅଣତାଲିମ ପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ବିପଦପୂର୍ଣ୍ଣ ଗର୍ଭସମାପ୍ତି କରାଯାଇଥାଏ

କିମ୍ବା ଯେତେବେଳେ ମହିଳାମାନେ ନିରାପଦ ଡାକ୍ତରୀ ଗର୍ଭସମାପ୍ତି ସେବା ପାଇପାରୁନାହାଁନ୍ତି ।

ଅବାଞ୍ଛିତ ଗର୍ଭଧାରଣ ଏକ ଗର୍ଭାବସ୍ଥା ଯେତେବେଳେ ଜଣେ ମହିଳା ନିଷ୍ପତି ନେଉଛନ୍ତି ଯେ **ସେ ଗ୍ରହାଁନ୍ତିନାହିଁ।**

## ଅସଂଯୋଜିତ ଗର୍ଭାବସ୍ଥା।

≠

## ଯୋଜନା କରିନଥିବା ଗର୍ଭାବସ୍ଥା।

ଯୋଜନା କରିନଥିବା ବା ଅଜାଣତ ଗର୍ଭଗୁଡ଼ିକରେ ଯେତେବେଳେ ଜଣେ ଗର୍ଭପାଇଁ ଚେଷ୍ଟା କରି ନଥିବା ସତ୍ତ୍ୱେ ମଧ ଗର୍ଭସଞ୍ଚାର ହେବ।

ଅଜାଣତ ବା ଅସଂଯୋଜିତ ଗର୍ଭାବସ୍ଥା ଇଚ୍ଛାକୃତ ବା ଅନିଚ୍ଛାକୃତ ମଧରୁ ଗୋଟେ ହୋଇପାରେ।

## ଦେଖିବା ପାଇଁ ବ୍ୟବହୃତ ଦୃଶ୍ୟ

ଭାବନାକୁ ସ୍ପଷ୍ଟ ଭାବରେ ପ୍ରତିପାଦନ କରିବାପାଇଁ ଛବି ବା ଦୃଶ୍ୟ ଏକ ଶକ୍ତିଶାଳୀ ମାଧମ ଏବଂ ଏହାକୁ ପ୍ରସ୍ତୁତ କରିବା ସମୟରେ ନିରାପଦ ଗର୍ଭସମାପ୍ତି ସହିତ ଜଡିତ ସମ୍ବେଦନଶୀଳତାକୁ ଏକତ୍ରିତ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଯୋଗାଯୋଗ ପାଇଁ ଦୃଶ୍ୟକୁ ପ୍ରସ୍ତୁତ କରିବା ସମୟରେ ନିମ୍ନଲିଖିତ ନୀତି ଗୁଡ଼ିକୁ ବ୍ୟବହାର କରାଯାଇପାରେ ।




### ବ୍ୟବହାର କରନ୍ତୁ

ଗର୍ଭଧାରଣକୁ ଚିତ୍ରଣ କରିବା ପାଇଁ ଏକ ଗର୍ଭପରୀକ୍ଷା ଉପକରଣ ବା ପରୀକ୍ଷାର ଫଳାଫଳକୁ ଦର୍ଶାଯାଇପାରେ ।



### ବ୍ୟବହାର କରନ୍ତୁ ନାହିଁ

ଗର୍ଭବତୀ ମହିଳାଙ୍କ ଛବି

### କାରଣ


ଗର୍ଭର ପ୍ରଥମ ତିନିମାସରେ (ଗର୍ଭବତୀର ପେଟ ଦେଖାଯିବା ପୂର୍ବରୁ) ସର୍ବାଧିକ ଗର୍ଭସମାପ୍ତି ହୋଇଥାଏ । ଗର୍ଭବତୀ ମହିଳାଙ୍କୁ (ପେଟ ଦେଖାଯିବା) ଚିତ୍ରଣ କରିବା ଦ୍ୱାରା ଆପଣ ଗର୍ଭସମାପ୍ତିର ମିଥ୍ୟା ଧାରଣାକୁ ଚିରସ୍ଥାୟୀ କରିଦେବେ । ଯେପରିକି ଗର୍ଭବତୀର ପେଟ ଦେଖାଯିବା ବେଳକୁ ଅଧିକ ଗର୍ଭସମାପ୍ତି କରାଯାଇଥାଏ ।

1 Adapted from the International Planned Parenthood Federation (IPPF) guide on rights-based messaging




## ବ୍ୟବହାର କରନ୍ତୁ

ଗର୍ଭସମାପ୍ତି ସମ୍ବନ୍ଧିତ ସାମଗ୍ରୀ ଗର୍ଭାବସ୍ଥା ନୁହେଁ ବରଂ ଗର୍ଭସମାପ୍ତି କରୁଥିବା ବ୍ୟକ୍ତିଙ୍କ ଉପରେ କେନ୍ଦ୍ରିତ ହେବା ।



## ବ୍ୟବହାର କରନ୍ତୁ ନାହିଁ

ଶିଶୁର ଛବି ।

### କାରଣ

ଗର୍ଭସମାପ୍ତି ବିଷୟ ବସ୍ତୁରେ ଶିଶୁକୁ ଅର୍ନ୍ତଭୂକ୍ତ କଲେ କିଛି ଶ୍ରୋତାଙ୍କୁ ବିଭ୍ରାନ୍ତିକର ବାର୍ତ୍ତା ଲାଗିପାରେ । ଏହା ମଧ ପସନ୍ଦ ବିରୋଧ୍ର ଅଭିଯାନ ସହିତ ଜଡିତ ।




## ବ୍ୟବହାର କରନ୍ତୁ

ଯେତେ ସମ୍ଭବ ସହମତି ନେଇ ମହିଳାଙ୍କ ଛବି ପ୍ରଦର୍ଶିତ କରନ୍ତୁ । ବାସ୍ତବବାଦୀ ରେଖା ଚିତ୍ର । ଦୃଷ୍ଟାନ୍ତ ସଦୃଶ ଏବଂ ବ୍ୟଙ୍ଗଚିତ୍ର ଗୁଡ଼ିକ ସବୁଠାରୁ ଭଲ ବିକଳ୍ପ ଅଟେ । ବିଭିନ୍ନ ବର୍ଗର ମହିଳା (ବିଭିନ୍ନ ବୟସ, ବୃତ୍ତି, ସାମାଜିକ ଅର୍ଥନୈତିକ ଅବସ୍ଥା, ବୈବାହିକ ଅବସ୍ଥା)ଙ୍କ ଗର୍ଭସମାପ୍ତିର ଚିତ୍ରଣକୁ ବିସ୍ତୃତ ଭାବରେ ବ୍ୟବହାର କରନ୍ତୁ । ଉଦ୍ଦିଷ୍ଟ ଦର୍ଶକଙ୍କ ପ୍ରତିଫଳନ ହେଲାଭଳି ବିଷୟବସ୍ତୁ ର ଦୃଶ୍ୟ ଗୁଡିକୁ ଚୟନ କରନ୍ତୁ ।



## ବ୍ୟବହାର କରନ୍ତୁ ନାହିଁ

ଅସ୍ପଷ୍ଟ ବା ଲୁକ୍କାୟିତ ମହିଳାଙ୍କ ଛବି

### କାରଣ

ଅସ୍ପଷ୍ଟ ମୁହଁ ସୂଚିତ କରେ ଯେ ମହିଳା ମାନେ ଚିହ୍ନା ପଡିବା ପାଇଁ ଚ୍ଛହାଁନ୍ତି ନାହିଁ । ଏହା ସୂଚାଇ ଦିଏ ଯେ ଗର୍ଭସମାପ୍ତି ଏପରି ଏକ ଅଜ୍ଞାତ ବିଷୟ ଯାହା ମହିଳାଙ୍କୁ ଲଜ୍ଜିତ ବା ଦୋଷୀ ହେଲା ଭଳି ଲାଗେ ।




## ବ୍ୟବହାର କରନ୍ତୁ

ଡାକ୍ତରୀ ପ୍ରକ୍ରିୟାର ନିରପେକ୍ଷ ଅଭିବ୍ୟକ୍ତ ଛବି ସଦୃଶ ଯାହା ତୁମେ ବିଷୟବସ୍ତୁରେ ଚିତ୍ରଣ କରିବା ପାଇଁ ଚାହୁଁଛ ।



## କରନ୍ତୁ ନାହିଁ

ନକାରାତ୍ମକ ଭାବନା ପ୍ରଦର୍ଶନ କଲା ଭଳି ମହିଳାଙ୍କ ଛବି

## କାରଣ

ଗର୍ଭସମାପ୍ତି ପରେ ଜଣେମହିଳା ବିଭିନ୍ନ ପ୍ରକାରର ଭାବନା ଅନୁଭବ କରନ୍ତି । ଅତ୍ୟଧିକ ଖୁସି କିମ୍ବା ଅତ୍ୟଧିକ ଦୁଃଖିପ୍ରଦର୍ଶିତ କଲାଭଳି ମହିଳାଙ୍କ ଛବି ଦେଖାନ୍ତୁନାହିଁ ।

## ବ୍ୟବହାର କରନ୍ତୁ

ଯେତେଦୂର ସମ୍ଭବ କୌଣସି ପ୍ରକାର ଭ୍ରୁଣର ଛବିକୁ ବ୍ୟବହାର କରନ୍ତୁ ନାହିଁ । ଯଦି ତୁମେ ରୋଗୀ କିମ୍ବା ସେବାପ୍ରଦାନକାରୀଙ୍କୁ ଗର୍ଭସମାପ୍ତି ପ୍ରକ୍ରିୟା ବିଷୟରେ ଜଣାଇବାକୁ ଚାହୁଁଛ ତେବେ ଉପଯୁକ୍ତ ଗର୍ଭାବସ୍ଥା ସମୟ (ଉଦାହରଣ ସ୍ୱରୂପ - ୬ ସପ୍ତାହ)ର ଛବିକୁ ବ୍ୟବହାରକର ।




## ବ୍ୟବହାର କରନ୍ତୁ ନାହିଁ

ତିନି ମାସରୁ ଅଧିକ ଭ୍ରୁଣର ଛବିକୁ ।


## କାରଣ

ସବୁଠାରୁ ଅଧିକ ଗର୍ଭସମାପ୍ତି ପ୍ରଥମ ତ୍ରୈମାସିକ ସଂଗଠିତ ହୋଇଥାଏ । ତେଣୁ ତିନି ମାସରୁ ଅଧିକ ଗର୍ଭସ୍ଥ ଭ୍ରୁଣର ଚିତ୍ର ଗର୍ଭାବସ୍ଥା ସମୟକାଳ ବିଷୟରେ ଭ୍ରାନ୍ତ ଧାରଣାକୁ ଚିରସ୍ଥାୟୀ କରିପାରେ ଯେଉଁ ସମୟରେ ଅଧିକାଂଶ ଗର୍ଭସମାପ୍ତି ହୋଇଥାଏ ।




## ବ୍ୟବହାର କରନ୍ତୁ

ଗ୍ରାଫିକ୍ (ଚିତ୍ରକଳାର କୃତି ସମୁହ)ର ବ୍ୟବହାର ପରିବର୍ତ୍ତେ ଆଖିଦୃଶିଆ ରଙ୍ଗ, ଏକାଧିକ ଚିତ୍ର ଏବଂ ସ୍ପଷ୍ଟ ଗଠନାତ୍ମକ ଛବିକୁ ବ୍ୟବହାର କରନ୍ତୁ ।



## ବ୍ୟବହାର କରନ୍ତୁ ନାହିଁ

**ସ୍ପଷ୍ଟ ଆବେଗତାପୂର୍ଣ୍ଣ ଚିତ୍ର**

## କାରଣ

ଯେତେବେଳେ ଗ୍ରାଫିକ୍ ଏବଂ ଆଘାତଦେଲାଭଳି ଛବି ହୁଏତ ଧ୍ୟାନ ଆକର୍ଷଣ କରିପାରେ, ସେସବୁର ପ୍ରଭାବ ମଧ୍ୟ ଦର୍ଶକଙ୍କ ପାଇଁ ଉଦବେଗ ଏବଂ ଚିନ୍ତାର କାରଣ ହୋଇପାରେ । ସେମାନେ ଗର୍ଭସମାପ୍ତିକୁ ଭୟ୍ ଆଘାତ ଏବଂ ଅନେକ ନକାରାତ୍ମକ ଘଟଣା ସହିତ ସମାନ ବୋଲି ବିଚ୍ରର କରିପାରନ୍ତି ।

# ତୁମର ବିଷୟବସ୍ତୁ ଏବଂ ଛବିଗୁଡ଼ିକୁ ପରୀକ୍ଷା କରିବାପାଇଁ ଏହି ପ୍ରଶ୍ନଗୁଡ଼ିକ ବ୍ୟବହାର କର ।

## ଚିତ୍ରଗୁଡ଼ିକ ନିରପେକ୍ଷ, ଆତ୍ମବିଶ୍ୱାସୀ ଏବଂ ପ୍ରେରଣାଦାୟକ କି ?

କିଛି ସୂଚନା ପାଇଁ ଉପରୋକ୍ତ ମାର୍ଗଦର୍ଶିକାକୁ ଅନୁସରଣ କରନ୍ତୁ ।

## ଛବିଗୁଡ଼ିକର ବ୍ୟବହାର ପାଇଁ ଆପଣଙ୍କପାଖରେ ସମ୍ମତି ଏବଂ ଅନୁମତି ଅଛି କି ?

ନିଶ୍ଚିତ କରନ୍ତୁ ଯେ, ସମ୍ମତି ସହିତ ବ୍ୟବହୃତ ଛବିଗୁଡ଼ିକ ପାଇଁ ଆପଣ ସମସ୍ତ ଅନୁମତି ନେଇଛନ୍ତି ।

## ବିଭିନ୍ନ ବାର୍ତ୍ତା ଏବଂ ଛବିଗୁଡ଼ିକ ପରସ୍ପର ବିରୋଧି କି ?

ନିଶ୍ଚିତ କରନ୍ତୁ ଯେ, ଆପଣଙ୍କର ପ୍ରତ୍ୟେକ ସାମଗ୍ରୀ ଗୋଟିଏ ବାର୍ତ୍ତା ଉପରେ ଧ୍ୟାନ ଦେଉଛି ଏବଂ ଏହାର ଅନୁରୂପ ଛବି ଦିଆଯାଇଛି ।

## କାହିଁକି ଚିତ୍ର / ଚଳଚିତ୍ର ଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି ?

ସାମଗ୍ରୀ ଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା, ପ୍ରତ୍ୟେକ ବିଷୟବସ୍ତୁର ଚିନ୍ତାଧାରାକୁ ବଢ଼ାଇବା ଦର୍ଶକଙ୍କୁ ସଂଯୋଗ କରିବା କିମ୍ୱା ପ୍ରସଙ୍ଗଗୁଡ଼ିକୁ ପ୍ରତିଷ୍ଠା କରିବା ଇତ୍ୟାଦି ସଠିକ୍ ଭାବରେ ବ୍ୟବହୃତ ହୋଇଛି କି ନାହିଁ ତାହା ନିର୍ଣ୍ଣୟ କରିବାରେ କିଏ ସାହାଯ୍ୟ କରିପାରିବେ ତାହା ଚିହ୍ନଟ କରିପାରିବା ।

## ଭାଷା ଗୁଡ଼ିକ ସାମାଜିକ କଳଙ୍କଠାରୁ ମୁକ୍ତ କି ?

ଶବ୍ଦ ଗୁଡ଼ିକ ଉପରେ ସାବଧାନ ରୁହନ୍ତୁ ଯାହା ବସ୍ତୁର ମୂଲ୍ୟବୋଧ ଧାରଣ କରେ । ଏସବୁ କିପରି ଆପଣଙ୍କ ସ୍ଥାନୀୟ ଭାଷା ଏବଂ ପ୍ରସଙ୍ଗରେ ଅନୁବାଦ ହୋଇପାରିବ ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

## ଭାଷା ସ୍ପଷ୍ଟ ଅଛି କି ?

ଏହାକୁ ସରଳ କରନ୍ତୁ ଏବଂ କଠିନ ଶବ୍ଦାବଳୀ ଠାରୁ ଦୂରେଇ ରୁହନ୍ତୁ ।

## ବ୍ୟବହୃତଭାଷା ସଠିକ୍ କି ?

କେଉଁ ପ୍ରସଙ୍ଗରେ କଣ ଏଡାଇବାକୁ ପଡ଼ିବ ଏବଂ କାହିଁକି ତା' ଉପରେ ଉପରୋକ୍ତ ତାଲିକାକୁ ବ୍ୟବହାର କରନ୍ତୁ ।

## କାର୍ଯ୍ୟାନ୍ୱିତ କରିବାପାଇଁ କୌଣସି ଯୋଜନା ଅଛିକି ?

ଯେଉଁ କାର୍ଯ୍ୟଗୁଡ଼ିକୁ ଦର୍ଶକମାନେ ଗ୍ରହଣ କରିବାକୁ ଆପଣ ଚାହୁଁଛନ୍ତି ତାହା ନିର୍ଦ୍ଦିଷ୍ଟ କରନ୍ତୁ କିମ୍ୱା ନିର୍ଦ୍ଦିଷ୍ଟ ସେବା ଏବଂ ସୂଚନା ଉତ୍ସ ସମ୍ପର୍କରେ ସଠିକ୍ ସୂଚନା ଦିଅନ୍ତୁ ।

## ବ୍ୟବହୃତ ଭାଷା ମହିଳାଙ୍କ ପସନ୍ଦକୁ ସକରାତ୍ମକ ଭାବରେ ଚିତ୍ରଣ କରୁଛି କି ?

ସ୍ୱାଧୀନତା ଏବଂ ପସନ୍ଦକୁ ସମ୍ମାନ ଦେଉଥିଲା ଭଳି ଶବ୍ଦର ବ୍ୟବହାର କରନ୍ତୁ ।

MALE STERILIZATION • FEMALE
STERILIZATION • SIDE EFFECTS
IMPLANTS • INJECTABLES
EFFECTIVE • ORAL CONTRACEPTIVE
CONDOMS • MALE STERILIZATION
FEMALE STERILIZATION • IMPLANTS
SIDE EFFECTS • INJECTABLES
EFFECTIVE • ORAL CONTRACEPTIVE
CONDOMS • EFFECTIVE • MALE
• EFFECTIVE • MALE ଗର୍ଭସମାପ୍ତି +
• IMPLANTSSIDE **ଗର୍ଭନିରୋଧକ**
INJECTABLES • ORAL CONDOMS
• MALE STERILIZATION
FEMALE STERILIZATION • ORAL
CONTRACEPTIVE • SIDE EFFECTS
IMPLANTS • INJECTABLES • MALE
STERILIZATION • CONDOMS
EFFECTIVE • FEMALE STERILIZATION
STERILIZATION • CONTRACEPTIVE
CONTRACEPTIVE • SIDE EFFECTS

## ସବୁଠାରୁ ପ୍ରଭାବଶାଳୀ


## ≤ ୧ ଗର୍ଭଧାରଣ ୧୦୦ ମହିଳାଙ୍କ ମଧରେ ୧ ବର୍ଷରେ



### ଜରୁରୀକାଳୀନ ଗର୍ଭନିରୋଧକ

ତାଲିମ୍‌ପ୍ରାପ୍ତ ଆଶା, ଉପସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉଚ୍ଚ ସ୍ତରୀୟ ଜନସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ।


ଅସୁରକ୍ଷିତ ଯୌନସମ୍ପର୍କର ୩ ଦିନ /୭୨ ଘଣ୍ଟା ମଧରେ ଖାଇଲେ ଏହା ଅଧିକ ଫଳପ୍ରଦ ହୋଇଥାଏ।



### ପୁରୁଷ ବନ୍ଧ୍ୟାକରଣ

ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉଚ୍ଚସ୍ତରୀୟ ଜନସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଘରୋଇ ଡାକ୍ତରଖାନାରେ ଉପଲବ୍ଧ।

ପୁରୁଷମାନଙ୍କ ସର୍ବାଧିକ ପସନ୍ଦର ଗର୍ଭ ନିରୋଧକ ପଦ୍ଧତି



### ମହିଳା ବନ୍ଧ୍ୟାକରଣ

**ଉପଲବ୍ଧ ହୁଏ**
ଉଚ୍ଚସ୍ତରୀୟ ଜନସ୍ୱାସ୍ଥ୍ୟ କେନ୍ଦ୍ରରେ।


(ଅଧିକାଂଶ ପସନ୍ଦର ପଦ୍ଧତି)



### ପ୍ରତିରୋପଣ

**ଉପଲବ୍ଧ ହୁଏ**
ମନୋନୀତ କିଛି ଘରୋଇ ଡାକ୍ତରଖାନାରେ।

(ଏହା ସ୍ୱଳ୍ପ ମୂଲ୍ୟର ଏବଂ ସହଜରେ ପ୍ରୟୋଗ କରାଯାଇପାରେ)




### ଗର୍ଭକୋଷ ଭିତରେ ଗର୍ଭନିରୋଧକ ଉପକରଣ

(IUCDs)

**ଉପଲବ୍ଧ ହୁଏ**
ଉପସ୍ୱାସ୍ଥ୍ୟକେନ୍ଦ୍ର, ଉଚ୍ଚସ୍ତରୀୟ ଜନସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଘରୋଇ ଡାକ୍ତରଖାନାରେ।

## ମଧ୍ୟମ ଧରଣର ପ୍ରଭାବଶାଳୀ

≤ ୬-୧୨ ଗର୍ଭଧାରଣ ୧୦୦ ମହିଳାଙ୍କ ମଧ୍ୟରେ ୧ ବର୍ଷରେ



### ଗର୍ଭନିରୋଧକ ବଟିକା

**ଉପଲବ୍ଧ ହୁଏ**

ଆଶା, ଉପସ୍ୱାସ୍ଥ୍ୟ କେନ୍ଦ୍ର, ଉଚ୍ଚସ୍ତରୀୟ ଜନସ୍ୱାସ୍ଥ୍ୟ କେନ୍ଦ୍ର, ଘରୋଇ ଡାକ୍ତରଖାନା ଏବଂ ଔଷଧ ଦୋକାନରେ ।

ଏହି ଯୋଜନା ମାଧ୍ୟମରେ ଗର୍ଭନିରୋଧକ ବଟିକା ଘର ପାଖରେ ଆଶା ଦ୍ୱାରା ସ୍ୱଳ୍ପ ମୂଲ୍ୟରେ ମିଳିଥାଏ। ‘ମାଲା-ଏନ୍’ ମାର୍କା ବଟିକା ମାଗଣାରେ ସମସ୍ତ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ମିଳେ।




### ଇଞ୍ଜେକ୍ସନ

**ଉପଲବ୍ଧ ହୁଏ**

ଏହା ମେଡିକାଲ କଲେଜ, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଏବଂ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ

ସର୍ବନିମ୍ନ ପ୍ରଭାବଶାଳୀ ≤ ୧୮ ଗର୍ଭଧାରଣ ୧୦୦ ମହିଳାଙ୍କ ମଧ୍ୟରେ ୧ ବର୍ଷରେ




### କଣ୍ଡୋମ

ତାଲିମପ୍ରାପ୍ତ ଆଶା, ଉପସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉଚ୍ଚସ୍ତରୀୟ ଜନସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଔଷଧ ଦୋକାନରେ ଏହା ମିଳିଥାଏ।

ନିରୋଧ ମାର୍କା କଣ୍ଡୋମ ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଆଶାଙ୍କ ଦ୍ୱାରା ଘର ପାଖରେ ମାଗଣାରେ ମିଳିଥାଏ।

## ପ୍ରଜନନ ବୟସ (୧୫ - ୪୯ ବର୍ଷ) ବର୍ଗରେ ସାମ୍ପ୍ରତିକ ବିବାହିତ ମହିଳାମାନଙ୍କ ମଧ୍ୟରେ ଗର୍ଭନିରୋଧକ ପଦ୍ଧତିର ବ୍ୟବହାର ।




୩୭%

ମହିଳା ବନ୍ଧ୍ୟାକରଣ

୫.୭%

କଣ୍ଡୋମ



**୪.୧%**
ଗର୍ଭନିରୋଧକ ବଟିକା

**୧.୫%**
ଗର୍ଭକୋଷ ଭିତରେ ଗର୍ଭନିରୋଧକ ଉପକରଣ (IUCD)

**୦.୩%**
ପୁରୁଷ ବନ୍ଧ୍ୟାକରଣ

# ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା

**ଜରୁରୀକାଳିନ ଗର୍ଭନିରୋଧକ**
ରକ୍ତସ୍ରାବର ଅନିୟମିତତା ଏବଂ ବ୍ରଣ

**ଗର୍ଭନିରୋଧକ ବଟିକା (OCPs)**
ମୁଣ୍ଡ ବ୍ୟଥା, ବାନ୍ତି, ଅମେନୋରିଆ (ରକ୍ତସ୍ରାବବନ୍ଦ ହେବା),ଅନିୟମିତ ରକ୍ତସ୍ରାବ, ମନ ବିଚଳିତ ହେବା

**କଣ୍ଡୋମ**
ରବର ଆଲର୍ଜି

**ଇଞ୍ଜେକ୍ସନ**
ହାଡରେ ଖଣିଜ ଦ୍ରବଣର ମାତ୍ରାରେ କମି, ଆମେନୋରିଆ (ରକ୍ତସ୍ରାବ ବନ୍ଦହେବା. ଅନିୟମିତ ରକ୍ତସ୍ରାବ

**ଗର୍ଭକୋଷ ଭିତରେ ଗର୍ଭନିରୋଧକ ଉପକରଣ (IUCDs)**
ଗର୍ଭାଶୟ ସଂକ୍ରମଣର ସମ୍ଭାବନା

**ପ୍ରତିରୋପଣ**
ରକ୍ତସ୍ରାବରେ ଅନିୟମିତତା, ହାଡରେ ଖଣିଜ ଦ୍ରବଣର ମାତ୍ରା କମିବା ।

**ପୁରୁଷ ବନ୍ଧ୍ୟାକରଣ**
ଶଲ୍ୟ ଚିକିତ୍ସାରେ ଜଟିଳତା

**ମହିଳା ବନ୍ଧ୍ୟାକରଣ**
ଶଲ୍ୟ ଚିକିତ୍ସାରେ ଜଟିଳତା

UNIVERSAL DECLARATION OF
HUMAN RIGHTS • SAFE ABORTION
PREGNANCY • RIGHT TO CHOOSE
RIGHT TO HEALTHCARE AND
PROTECTION • SECURITY • LIBERTY
PRIVACY • BASIC RIGHTS • UNIVERSAL
DECLARATION OF HUMAN RIGHTS
SAFE ABORTION • RIGHT TO CHOOSE
PRIVACY • PREGNANCY • LIBERTY •
PREGNANCY • LIBERTY

# ଗର୍ଭସମାପ୍ତି + ମାନବିକ ଅଧିକାର

RIGHT TO HEALTHCARE
SECURITY • RIGHT TO HEALTHCARE
AND PROTECTION • SECURITY
LIBERTY • PRIVACY • RIGHT TO
HEALTHCARE AND PROTECTION
UNIVERSAL DECLARATION OF
HUMAN RIGHTS • SAFE ABORTION
RIGHT TO CHOOSE LIBERTY
PRIVACY • BASIC RIGHTS • SECURITY

୧୯୪୮ ମସିହାରେ ଜାତିସଂଘ ଦ୍ୱାରା ମାନବିକ ଅଧିକାରର ବିଶ୍ୱବ୍ୟାପି ଘୋଷଣାନାମା ପ୍ରତ୍ୟେକ ମଣିଷର ସମ୍ମାନ,ସ୍ୱାଧୀନତା, ନ୍ୟାୟ ଏବଂ ଶାନ୍ତି ପାଇଁ ସେମାନଙ୍କର ସମାନ ଏବଂ ଅବିଚ୍ଛେଦ୍ୟ ଅଧିକାରକୁ ସ୍ୱୀକୃତି ଏବଂ ସମର୍ଥନ କରେ। ନିରାପଦ ଗର୍ଭସମାପ୍ତି ଏକ ଯୌନ ଏବଂ ପ୍ରଜନନ ଅଧିକାର ଅଟେ। ଏହା ଆଇନ ଅନୁଯାୟୀ ନିବନ୍ଧିତ ୧୨ଟି ମୌଳିକ ମାନବିକ ଅଧିକାର ମଧ୍ୟରେ ଅଛି ଯାହାର ଉତ୍ସ ଆନ୍ତର୍ଜାତୀୟ ମାନବିକ ଅଧିକାର ଘୋଷଣାନାମା ଏଂ ଅନ୍ୟାନ ସନନ୍ଦ ଅଟେ ଯାହା ବିଶ୍ୱର ବିଭିନ୍ନ ଦେଶ ଦ୍ୱାରା ଅନୁମୋଦିତ। ଏଥିମଧ୍ୟରେଅଛି ମାନବିକ ଅଧିକାରର ବିଶ୍ୱବ୍ୟାପି ଘୋଷଣାନାମା(**UDHR**), ନାଗରିକ ଏବଂ ରାଜନୈତିକ ଅଧିକାର ଉପରେ ଆର୍ନ୍ତଜାତିକ ସନନ୍ଦ (**ICESCR**), ଆର୍ଥନୈତିକ ସାମାଜିକ ଏବଂ ସାଂସ୍କୃତିକ ଅଧିକାର ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ (**ICCPR**) ଏବଂ ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ପ୍ରକାର ଭେଦଭାବ ଦୂର କରିବା ପାଇଁ ସମ୍ମିଳନୀ (**CEDAW**)।

# ୧ .ସ୍ୱାସ୍ଥ୍ୟ ସେବା ଏବଂ ସୁରକ୍ଷା ଅଧିକାର

## ବଞ୍ଚିବାର ଅଧିକାର

## ବୈଜ୍ଞାନିକ କ୍ରମୋନ୍ନତିରୁ ଉପକୃତ ହେବାର ଅଧିକାର ।

ନିରାପଦ ଗର୍ଭସମାପ୍ତି ସେବା କ୍ଷେତ୍ରରେ ପ୍ରତିବନ୍ଧକ ଲଗାଇବା ଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନ ପ୍ରତି ବିପଦ ଦେଖାଦେଇଥାଏ । ନିରାପଦ ଗର୍ଭସମାପ୍ତି ସେବାର ଅଧିକାରକୁ ପାଇବା ପାଇଁ ସରକାର ଉପଯୁକ୍ତ ସ୍ୱାସ୍ଥ୍ୟସେବାକୁ ଉପଲବ୍ଧ କରିବା ଆବଶ୍ୟକ ଯାହା ସୁରକ୍ଷିତ ଗର୍ଭସମାପ୍ତି ସେବା ଯୋଗାଇଥାଏ ଏବଂ ମହିଳାମାନଙ୍କୁ ଅସୁରକ୍ଷିତ ଗର୍ଭସମାପ୍ତି ଜନିତ ବିପଦରୁ ରକ୍ଷା କରିଥାଏ ।

ପ୍ରତ୍ୟେକ ମହିଳା ସମସ୍ତ ପ୍ରକାର ସୁରକ୍ଷିତ ଏବଂ ଅନୁମୋଦିତ ପ୍ରଜନନ ସ୍ୱାସ୍ଥ୍ୟ ପ୍ରଯୁକ୍ତି ବିଦ୍ୟାର ସୁବିଧା ପାଇବା ଉଚିତ । ଏଥିରେ ଗର୍ଭନିୟନ୍ତ୍ରଣର ନୂତନ ପଦ୍ଧତି, ନିରାପଦ ଗର୍ଭସମାପ୍ତି, ବନ୍ଧ୍ୟାକରଣର ନୂତନ ପଦ୍ଧତି, ଗର୍ଭଧାରଣ କରିବାରେ ସାମର୍ଥ୍ୟ ପାଇଁ ଚିକିତ୍ସା ଏବଂ ଯେକୌଣସି କ୍ଷତିକାରକ ପ୍ରଭାବ ଉପରେ ସୂଚନା ଅର୍ନ୍ତଭୁକ୍ତ ।

ଏହି ସୁବିଧା ପାଇବା ପାଇଁ କିଛି ସାଧାରଣ ପ୍ରତିବନ୍ଧକ ଯଥା ଗର୍ଭସମାପ୍ତି ସହିତ ଜଡ଼ିତ ସାମାଜିକ କଳଙ୍କ, ଆଇନ୍‌ଗତ ସଚେତନତାର ଅଭାବ ସହିତ ସୁରକ୍ଷିତ ଗର୍ଭସମାପ୍ତି ପଦ୍ଧତି ଉପରେ ସଚେତନତା, ସହଜରେ ସେବାର ଉପଲବ୍ଧତା ଏବଂ ଆବଶ୍ୟକ କର୍ମଚାରୀଙ୍କର ଅଭାବ କିମ୍ବା ଉପଯୁକ୍ତ ଉପକରଣର ଅଭାବ ଅନ୍ତର୍ଭୁକ୍ତ ଅଟେ ।



**୨୫ ନିୟୁତ**

ପ୍ରତ୍ୟେକ ବର୍ଷ ଅସୁରକ୍ଷିତ ଗର୍ଭସମାପ୍ତି ହୋଇଥାଏ ।

ସମଗ୍ର ବିଶ୍ୱରେ ୮ରୁ ୧୧% ଗର୍ଭସମାପ୍ତି ଜନିତ ମାତୃ ମୃତ୍ୟୁ ହୋଇଥାଏ ।

୨୨,୮୦୦ ରୁ ୩୧,୦୦୦ ମୃତ୍ୟୁକୁ ପ୍ରତିହତ କରାଯାଇପାରିଥାନ୍ତା ।

1 Global, regional, and subregional classification of abortions by safety, 2010–14: estimates from a Bayesian hierarchical model, Lancet 2017

## ୨ . ବାଛିବାର ଅଧିକାର


**ବିବାହ କରିବା ନକରିବା କିମ୍ବା ପରିବାର ଯୋଜନା କରିବା ନିଷ୍ପତି ନେବାର ଅଧିକାର**

**ସନ୍ତାନ ଜନ୍ମ କରିବା ବା କେବେ ଜନ୍ମ କରିବା ଉପରେ ନିଷ୍ପତ୍ତି ନେବାର ଅଧିକାର ।**

ଅବାଞ୍ଛିତ ବା ଅନିଚ୍ଛାକୃତ ଗର୍ଭଧାରଣ ମହିଳାମାନଙ୍କୁ ସେମାନଙ୍କର ସମ୍ପର୍କ, ଅର୍ଥନୈତିକ ସମ୍ବଳ, ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସେବାର ଉପଲବ୍ଧତା ଭଳି ମୌଳିକ ଉପାଦାନ ଗୁଡ଼ିକର ଆଧାରରେ ବିଭିନ୍ନ ଉପାୟରେ ପ୍ରଭାବିତ କରିଥାଏ ।

ଜଣେ ମହିଳା ବିବାହ କରିବେ ନକରିବେ, ଛୁଆ ଜନ୍ମ କରିବେ କି ନକରିବେ ବାଛିବା ତାଙ୍କର ଅଧିକାର । ସାମାଜିକ କଳଙ୍କ ଏବଂ ବିଚାରରୁ ମୁକ୍ତ ଏକ ପରିବେଶରେ ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ସେବା ପହଞ୍ଚିବାର ନିଷ୍ପତି ନେବାର ଅଧିକାର ମହିଳାଙ୍କର ଅଛି । ଯେଉଁଥିରେ ପରିବାର ନିୟୋଜନ, ନିସନ୍ତାନତାର ଚିକିତ୍ସା, ଯୌନ ସଂକ୍ରମଣ ଜନିତ ରୋଗ ପ୍ରତିରୋଧକ ଏବଂ ଚିକିତ୍ସା ଯଥା ଏଚଆଇଭି ଏଡ଼ସ୍ ପ୍ରତିରୋଧ ଏବଂ ଚିକିତ୍ସା ନିର୍ଦ୍ୱନ୍ଦ୍ୱରେ ପାଇପାରିବେ ।

ଜଣେ ମହିଳାଙ୍କ କ୍ଷେତ୍ରରେ ଗର୍ଭସମାପ୍ତି ପାଇଁ ନିଷ୍ପତି ନେବା ତାଙ୍କ ଅନନ୍ୟ ପରିସ୍ଥିତି ଉପରେ ଆଧାରିତ ଏବଂ ତାଙ୍କର ବ୍ୟକ୍ତିଗତ ପସନ୍ଦକୁ ସମ୍ମାନ ଦେବା ଆବଶ୍ୟକ ।ଏହା ତାଙ୍କର ନିଜସ୍ୱ ବିଚାର ଯାହା ମହିଳାଙ୍କର ଯୌନ ଏବଂ ପ୍ରଜନନ ଅଧିକାର ଭାବରେ ସମର୍ଥିତ ।



# ୩. ସ୍ୱାଧୀନତାର ଅଧିକାର

ସ୍ୱାଧୀନତା ଏବଂ ନିରାପତ୍ତାର ଅଧିକାର ।

ଗୋପନୀୟତାର ଅଧିକାର

ନିର୍ଯ୍ୟାତନା କିମ୍ବା ଅସଦାଚରଣରୁ ମୁକ୍ତ ହେବାର ଅଧିକାର ।

ସମାନତା ଏବଂ ସମସ୍ତପ୍ରକାର ଭେଦ ଭାବରୁ ମୁକ୍ତ ହେବାର ଅଧିକାର

ଲିଙ୍ଗ ହେତୁକ ଭୂମିକା, ସାମାଜିକ ଚାପ, ସମ୍ପର୍କରେ ଆଶା ଇତ୍ୟାଦି ଏକାଧିକ ସ୍ତରରେ ବ୍ୟକ୍ତିର ସ୍ୱାଧୀନତାକୁ ସୀମିତ କରିଥାଏ । ଏକ ଅବାଞ୍ଛିତ ଗର୍ଭଧାରଣ ଏବଂ ଗର୍ଭାବସ୍ଥା ଜାରୀ ରହିବା ଅନେକ ସ୍ତରରେ ମହିଳାଙ୍କ ଶାରୀରିକ ଏବଂ ଭାବନାତ୍ମକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇପାରେ ।

ନିଜ ଶରୀର ଉପରେ ବିଶେଷତଃ ଯୌନ ସମ୍ପର୍କରେ ଏବଂ ପ୍ରଜନନ ସମ୍ବନ୍ଧୀୟ ବିଷୟରେ ନିଷ୍ପତ୍ତି ମହିଳାଙ୍କର ବ୍ୟକ୍ତିଗତ ବିଷୟ ଅଟେ ଏବଂ ଏହା କେବଳ ମହିଳାଙ୍କ ଉପରେ ଛାଡି ଦିଆଯିବା ଉଚିତ୍ ।

ଏକ ଭେଦଭାବ ବିହୀନ ପରିବେଶ ଯାହା ସହଭାଗୀତାର ଭିନ୍ନଭିନ୍ନ ସ୍ୱରୂପ ଯଥା ଯୌନତା ଏବଂ ପିତାମାତାଙ୍କ ବିବିଧ ଅଭିବ୍ୟକ୍ତିକୁ ଗ୍ରହଣ କରେ ଏବଂ ସମର୍ଥନ କରେ ତଥା ମୌଳିକ ଅଧିକାରର ବାସ୍ତବତାକୁ ନିଶ୍ଚିତ କରେ ।

ଗର୍ଭସମାପ୍ତି ସହିତ ମାନବାଧିକାର ବିଭିନ୍ନ ଆଇନ ଉପକରଣ ଦ୍ୱାରା ସୁରକ୍ଷିତ[୧].

| | ଆନ୍ତର୍ଜାତୀୟ ଆଇନଗତ ଉପକରଣ | | | |
|---|---|---|---|---|
| ମାନବିକ ଅଧିକାର ସୁରକ୍ଷିତ | ମାନବିକ ଅଧିକାରର ବିଶ୍ୱବ୍ୟାପି ଘୋଷଣା **(UDHR)** | ନାଗରିକ ଏବଂ ରାଜନୈତିକ ଅଧିକାର ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ (ICCPR) | ଅର୍ଥନୈତିକ ସାମାଜିକ ଏବଂ ସାଂସ୍କୃତିକ ଅଧିକାର ଉପାରେ ଆନ୍ତର୍ଜାତିୟ ସମ୍ମିଳନୀ (ICESCR) | |
| "ଜୀବନ" ସ୍ୱାଧୀନତା ଏବଂ ନିରାପତ୍ତା ଅଧିକାର | ଅନୁଚ୍ଛେଦ ୩ | ଅନୁଚ୍ଛେଦ<br>୬.୧ ୯.୧ | - | |
| ନିର୍ଯାତନା /ନିଷ୍ଠୁରତା, ଅମାନବୀୟ, ଅପମାନଜନକ ବ୍ୟବହାର /ଦଣ୍ଡର ଶିକାର ହେବନାହିଁ | ଅନୁଚ୍ଛେଦ ୫ | ଅନୁଚ୍ଛେଦ ୭ | - | |
| ଲିଙ୍ଗଗତ ଭେଦଭାବରୁ ମୁକ୍ତ ରହିବା | ଅନୁଚ୍ଛେଦ ୨ | ଅନୁଚ୍ଛେଦ ୨.୧ | ଅନୁଚ୍ଛେଦ ୨.୨ | |
| ରୀତିନିତିକୁ ପରିବର୍ତ୍ତନ କରିବା ଯାହା ମହିଳାମାନଙ୍କ ପ୍ରତି ଭେଦଭାବ କରେ | | | ଅନୁଚ୍ଛେଦ ୧୦.୨ ୧୨.୧, ୧୨.୨ | |
| ସ୍ୱାସ୍ଥ୍ୟ ପ୍ରଜନନ ସ୍ୱାସ୍ଥ୍ୟ ଏବଂ ପରିବାର ନିୟଜୋନ ଯୋଜନା | | | | |
| ଗୋପନୀୟତା | | ଅନୁଚ୍ଛେଦ ୧୭.୧ | | |
| ଜଣକର ପିଲାମାନଙ୍କ ସଂଖ୍ୟା ଏବଂ ବ୍ୟବଧାନ ନିର୍ଣ୍ଣୟ କରିବା | | | | |

| | | | ସମ୍ମିଳନୀ ଡକ୍ୟୁମେଣ୍ଟସ | | |
|---|---|---|---|---|---|
| | ମହିଳାମାନଙ୍କ ପ୍ରତି ହେଉଥିବା ସମସ୍ତ ପ୍ରକାରର ଭେଦଭାବ ଦୂର କରିବା ପାଇଁ ସମ୍ମିଳନୀ (CEDAW) | ପିଲାମାନଙ୍କ ଅଧିକାର ଉପରେ ସନନ୍ଦ (CRC) | ଭିଏନା ଘୋଷଣା | କାଇରୋ ଘୋଷଣା | ବେଜିଙ୍ଗ୍ ଘୋଷଣା |
| | - | ଅନୁଚ୍ଛେଦ<br>୬.୧, ୬.୨ | - | ନୀତି- ୧<br>ପାରା- ୭<br>୧୭, ୮.୩୪ | ପାରା-<br>୯୬,୧୦୬,୧୦୮ |
| | - | ଅନୁଚ୍ଛେଦ ୩୭ | ପାରା ୫୬ | - | - |
| | ଅନୁଚ୍ଛେଦ ୧.୩ | ଅନୁଚ୍ଛେଦ ୨.୧ | ପାରା ୧୮ | ନୀତି ୧.୪ | ନୀତି<br>୨୧୪ |
| | ଅନୁଚ୍ଛେଦ ୨.୫ | ଅନୁଚ୍ଛେଦ ୨୪.୩ | ପାରା ୧୮, ୪୯ | ପାରା ୫.୫ | ପାରା ୨୨୪ |
| | ଅନୁଚ୍ଛେଦ ୧୦, ୧୧.୨, ୧୧.୩, ୧୨.୧<br>୧୪.୨ | ଅନୁଚ୍ଛେଦ ୨୪.୧<br>୨୪.୨ | ପାରା ୪୧ | ନୀତି – ୮<br>ପାରା ୭, ୪୫ | ପାରା ୮୯, ୯୨, ୨୬୭ |
| | | ଅନୁଚ୍ଛେଦ ୧୬.୧, ୧୬.୨ | | | ପାରା ୧୦୬,୧୦୭ |
| | ଅନୁଚ୍ଛେଦ ୧୬.୧ | | | ନୀତି – ୮ | ପାରା ୨୨୩ |

1 Safe and Legal Abortion is a Woman's Human Right, Briefing Paper, Center for Reproductive Rights, 2004

ଜଣେ ମହିଳାଙ୍କ ସ୍ୱାଧୀନତା ତାଙ୍କ ପସନ୍ଦ କି ନୁହେଁ

ସନ୍ତାନ ଧାରଣ କରିବା କିମ୍ବା ଗର୍ଭ ସମାପ୍ତି କରିବା

ସେହି କ୍ଷେତ୍ରଗୁଡ଼ିକ ଯାହାକି ଗୋପନୀୟତା ଅର୍ନ୍ତଗତ ଅଟେ

ଅଗଷ୍ଟ ୨୦୧୭ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ।

# ଗର୍ଭସମାପ୍ତି + ଘଟଣା

INCIDENCE • PREGNANCIES • SURVEY
PREGNANCY RATE • UNINTENDED
UNPLANNED • METHODOLOGY
MEDICATION • EFFECTIVE • SURVEY
ESTIMATE • CONTRACEPTION
DATA • METHODOLOGY • INCIDENCE
RESEARCH • DATA • ESTIMATES • RATE
RECOMMENDATIONS • INCIDENCE
PREGNANCIES • UNINTENDED
CONTRACEPTION •METHODOLOGY
•UNPLANNED • MEDICATION • DATA
EFFECTIVE • SURVEY •
RESEARCH • ESTIMATES •
RECOMMENDATIONS • INCIDENCE
PREGNANCIES • UNINTENDED
UNPLANNED • PREGNANCY
RATE • MEDICATION • EFFECTIVE
CONTRACEPTION • INCIDENCE
•UNPLANNED • MEDICATION • DATA
EFFECTIVE • SURVEY • INCIDENCE
RESEARCH • ESTIMATES • RATE
RECOMMENDATIONS • INCIDENCE
PREGNANCIES • UNINTENDED

ଅବୈଧ ଗର୍ଭସମାପ୍ତି ସ୍ଥିତି ଉପରେ ଭାରତରେ ନିର୍ଭରଯୋଗ୍ୟ ତଥ୍ୟ ନାହିଁ। ଗର୍ଭସମାପ୍ତି ଏବଂ ଅବାଞ୍ଛିତ ଗର୍ଭଧାରଣର ଜାତୀୟ ସ୍ଥିତିକୁ ଆକଳନ କରିବା ପାଇଁ ଗୁଟମାଚର ପ୍ରତିଷ୍ଠାନ ଦ୍ୱାରା ଏକ ଅଧ୍ୟୟନ କରାଯାଇଥିଲା।

## ଅଧ୍ୟୟନର ମୁଖ୍ୟ ନିର୍ଯ୍ୟାସ[୧]

୨୦୧୫ ମସିହାରେ ଭାରତରେ ଗର୍ଭଧାରଣର ମୋଟ ସଂଖ୍ୟା ଆକଳନ କରାଯାଇଥିଲା।

**୪୮.୧ ନିୟୁତ,**

ହାରକୁ ସୂଚିତ କରେ

**ପ୍ରତି ୧୦୦୦ ମହିଳାରେ ୧୪୪.୭ ଗର୍ଭଧାରଣ**

ପ୍ରଜନନ ବୟସ (୧୫ ରୁ ୪୯ ବର୍ଷ)


ଏହି ୧୪୪.୭ ଗର୍ଭଧାରଣରେ (ପ୍ରତି ୧୦୦୦ ମହିଳାରେ)

**୭୦.୧ ହେଉଛି ଅବାଞ୍ଛିତ ଗର୍ଭଧାରଣ**

1 Singh et al., “The incidence of abortion and unintended pregnancy in India 2015”, Lancet Global Health, Volume 6, Issue 1, 2018

୨୦୧୫ ମସିହାରେ ଭାରତରେ ୪୮.୧ ମିଲିୟନ ଗର୍ଭଧାରଣ ମଧ୍ୟରୁ ପ୍ରାୟ ୧୫.୬ ନିୟୁତ ଗର୍ଭସମାପ୍ତି ହୋଇଛି । ପ୍ରଜନନ ବୟସ ବର୍ଗର ୧୦୦୦ ମହିଳାଙ୍କ ପ୍ରତି ୪୭ ଗର୍ଭସମାପ୍ତି ହାରକୁ ସୂଚାଇଥାଏ । ଏହି ଆକଳନ ଗୁଡ଼ିକ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିବରଣୀ ସଂଖ୍ୟାର ପାଞ୍ଚ ଗୁଣ ଅଟେ ।


**୧୫.୬ ନିୟୁତ ଗର୍ଭସମାପ୍ତି**



**୦.୮ ନିୟୁତ (୫%)**

ଏଥିମଧ୍ୟରୁ ୦.୮ ନିୟୁତ ଅସୁରକ୍ଷିତ ଗର୍ଭସମାପ୍ତି ବୋଲି ବିବେଚନା କରାଯାଇଥିଲା । ଅର୍ଥାତ୍ ଅଣତାଲିମ୍ ପ୍ରାପ୍ତ, ଅଣସ୍ୱୀକୃତି ପ୍ରାପ୍ତ ଡାକ୍ତରଙ୍କ ଦ୍ୱାରା ଅନୁମୋଦିତ ହୋଇ ନଥିବା ସ୍ଥାନରେ ହୋଇଛି ।

## ବ୍ୟବହୃତ ପଦ୍ଧତି





**୧୨.୭ ନିୟୁତ** (୮୧%) ଗର୍ଭସମାପ୍ତି ।

**୨.୨ ନିୟୁତ** (୧୪%) ଗର୍ଭସମାପ୍ତି ।

**୦.୮ ନିୟୁତ** (୫%) ଗର୍ଭସମାପ୍ତି ।

## ଅଧ୍ୟୟନରୁ ମିଳିଥିବା ମୁଖ୍ୟ ଫଳାଫଳ



ଅବାଞ୍ଛିତ ଗର୍ଭଧାରଣର ହାର ପ୍ରଭାବଶାଳୀ ଗର୍ଭନିରୋଧକ ପାଇନପାରିଥିବା ହାର ସହିତ ସମାନ ଅଟେ ।






ଭାରତରେ **୧୩%** ବିବାହିତା ମହିଳା ମାନଙ୍କର ପ୍ରଭାବଶାଳୀ ଗର୍ଭନିରୋଧକ ପାଇଁ ଆବଶ୍ୟକତା ପୂରଣ ହୋଇପାରିନଥିଲା ।

ତା ସହିତ **୬%** ବିବାହିତ ମହିଳା ପାରମ୍ପରିକ ପଦ୍ଧତି ବ୍ୟବହାର କରୁଥିଲେ ଯାହାର ବିଫଳତା ହାର ଅପେକ୍ଷାକୃତ ଭାବେ ଅଧିକ ।

# ସୁରକ୍ଷିତ ଏବଂ ଅସୁରକ୍ଷିତ ଗର୍ଭସମାପ୍ତି

## ଗର୍ଭସମାପ୍ତିର ସ୍ଥାନ



ଏହି ଅଧ୍ୟୟନରେ ୨୦୧୫ ମସିହାରେ ଗର୍ଭସମାପ୍ତି ଡାକ୍ତରୀ ବ୍ୟବସ୍ଥା ବ୍ୟବହାର କରି କିମ୍ବା ବ୍ୟବହାର ନକରି, ସ୍ୱାସ୍ଥ୍ୟ ବ୍ୟବସ୍ଥା ଭିତରେ କିମ୍ବା ବାହାରେ ଘଟୁଥିବା ଗର୍ଭସମାପ୍ତି ଉପରେ ଆକଳନ କରାଯାଇଥିଲା ।

# ଅଧ୍ୟୟନର ପଦ୍ଧତି

ଜୀବିତ ଶିଶୁ ଜନ୍ମ ଏବଂ ପ୍ରଜନନକ୍ଷମ ବୟସ (୧୫ ରୁ ୪୯ ବୟସ)ର ମହିଳାମାନଙ୍କର ସମୁଦାୟ ଜନସଂଖ୍ୟା ତଥ୍ୟ ଜାତିସଂଘ ଜନସଂଖ୍ୟା ତଥ୍ୟ ସମୂହରୁ ମିଳିଥିଲା ।

ଅସଂଯୋଜିତ ଗର୍ଭଧାରଣ ଏବଂ ଗର୍ଭନିରୋଧକ ବ୍ୟବହାରର ଅନୁପାତ ଉପରେ ତଥ୍ୟ ୪ର୍ଥ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୨୦୧୫-୧୬ରୁ ମିଳିଥିଲା ।

## ସୀମିତତା


ଗର୍ଭସମାପ୍ତି ପାଇଁ କେବଳ 'ମିସୋପ୍ରୋଷ୍ଟଲ' ବ୍ୟବହାର ହେଉଥିବାର ହିସାବ ଦେଇନଥିଲେ । ଔଷଧର ଏକାଧିକ ପ୍ରକାରର ବ୍ୟବହାରକୁ ଦୃଷ୍ଟିରେ ରଖି ଏହା କରିବା ସମ୍ଭବ ନଥିଲା ।

ସ୍ୱାସ୍ଥ୍ୟ ସର୍ଭେକ୍ଷଣରେ ଅର୍ନ୍ତଭୁକ୍ତ ହୋଇନଥିବା ବେସରକାରୀ ଡାକ୍ତର ମାନଙ୍କର (ପରାମର୍ଶ କକ୍ଷ) ଗୁଡ଼ିକ ସ୍ୱାସ୍ଥ୍ୟ ସୁବିଧାକେନ୍ଦ୍ର ବାହାରେ ଆଇନସମ୍ମତ ଭାବେ ଡାକ୍ତର ଗର୍ଭସମାପ୍ତି ସେବା ଯୋଗାଇଥିବେ ।


# ତଥ୍ୟର ଉତ୍ସ

## ଗର୍ଭସମାପ୍ତିର ଘଟଣା

### ପ୍ରତ୍ୟକ୍ଷ ପଦ୍ଧତି




2 The 2015 Health Facilities Survey (HFS), fielded from March to August, 2015, collected data on the number of induced abortions provided annually, by type of procedure (surgical and medication), from 4001 public and private health facilities in Assam, Bihar, Gujarat, Madhya Pradesh, Tamil Nadu, and Uttar Pradesh




## ଅପ୍ରତ୍ୟକ୍ଷ ପଦ୍ଧତି

# ଅଧ୍ୟୟନର ସୁପାରିଶ

## ୧.

ଗୁଣାତ୍ମକ ଗର୍ଭସମାପ୍ତି ସେବା ଯୋଗାଇଦେବା ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଗୁଡ଼ିକରେ ପ୍ରୟୋଜନୀୟ ଆବଶ୍ୟକତା ଯଥା ସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ମାନବ ସମ୍ବଳ ସହିତ ସ୍ୱାସ୍ଥ୍ୟ ସୁବିଧାର ଏକ ବଡ଼ ଭୂମିକା ରହିଛି ଏବଂ ଏଗୁଡ଼ିକ ଭଲଭାବେ ଉପଲବ୍ଧ ହେବା ଉଚିତ୍ ।

## ୨.

ଔଷଧ ବିକାଳି ଏବଂ ଅନୌପଚାରିକ ବିକ୍ରେତାମାନଙ୍କୁ ଔଷଧଗୁଡ଼ିକ ଉପରେ ସଠିକ୍ ସୂଚନା ପ୍ରଦାନ କରାଯିବା ଦରକାର ଏବଂ ତାକୁ ସାବଧାନତାର ସହିତ ତଦାରଖ କରିବା ଉଚିତ୍ ।

## ୩.

ଯେହେତୁ ଅଧିକାଂଶ ମହିଳା ଔଷଧ ମାଧ୍ୟମରେ ଗର୍ଭସମାପ୍ତିକୁ ପସନ୍ଦ କରୁଛନ୍ତି ସେଥିପାଇଁ ସରକାର ଏହାର ଅପକାରଗୁଡ଼ିକୁ ହ୍ରାସ କରିବା ପାଇଁ ରଣନୀତି ଆପଣେଇବା ଉଚିତ୍ ଏବଂ ମହିଳାମାନଙ୍କୁ ଏହି ଔଷଧ ଗୁଡ଼ିକ ଉପରେ ସଠିକ୍ ସୂଚନା ପ୍ରଦାନ କରିବା ସହିତ ଯତ୍ନ ନେବା ଉଚିତ୍ ।

## ୪.

ନୀତି ଏବଂ ଯୋଜନାଗୁଡ଼ିକ ଗୁଣାତ୍ମକ ଗର୍ଭନିରୋଧକ ସେବା ଯୋଗାଇ ଦେବାର ଲକ୍ଷ୍ୟ ରଖିବା ଉଚିତ ଯାହା ଅବାଞ୍ଛିତ ଗର୍ଭଧାରଣକୁ ରୋକି କରିପାରିବ ।

SEXUAL AND REPRODUCTIVE HEALTH RIGHTS • INTERSECTIONALITY GENDER • PATRIARCHY • SEX SEXUALITY • SEXUAL HEALTH SEXUAL RIGHTS • GENDER ANALYSIS SEXUAL ORIENTATION • GENDER NORMS • INTIMACY • STIGMA • LACK OF AWARENESS • REPRODUCTION WOMEN'S RIGHTS • SEXUALITY

• SEX • SEXUAL HEALTH

# ମୁଖ୍ୟ ଧାରଣା + ଲିଙ୍ଗ ଏବଂ ଯୌନତା

• LACKOF AWARENESS

SEX • SEXUAL AND REPRODUCTIVE HEALTH RIGHTS • INTIMACY • SEX NORMS • STIGMA • SEX • SEXUALITYSEXUAL HEALTH • SEXUAL RIGHTS GENDER ANALYSIS • PATRIARCHY LACK OF AWARENESS • SEXUAL ORIENTATION • GENDER NORMS INTIMACY • FEMALE SEXUALITYSEXUAL AND REPRODUCTIVE HEALTHRIGHTS • INTERSECTIONALITY GENDER • PATRIARCHY • SEX SEXUALITY

ସାଧାରଣତଃ ଯୌନ ଏବଂ ପ୍ରଜନନ ଅଧିକାର (ଏସ୍.ଆର.ଏଚ୍.ଆର) ତଥା ନିର୍ଦ୍ଦିଷ୍ଟ ଭାବରେ ନିରାପଦ ଗର୍ଭସମାପ୍ତି ଏକାଧିକ ପ୍ରସଙ୍ଗରେ ପରସ୍ପର ମଧ୍ୟରେ ନିର୍ଦ୍ଦିଷ୍ଟ ଅବସ୍ଥାରେ ଅନ୍ତରାୟ ସୃଷ୍ଟି କରିଥାଏ । ଯେତେବେଳେ ଏହି ସମସ୍ୟା ଗୁଡ଼ିକୁ ବାହାରକୁ ଆଣିବା ଏବଂ ସେମାନଙ୍କୁ ଏହା ସହିତ ଯୋଡିବା ସେତେବେଳେ ପିତୃସତ୍ତା, ଲିଙ୍ଗ, ଯୌନତା, ଯୌନ ସ୍ୱାସ୍ଥ୍ୟ, ଯୌନଗତ ଅଧିକାର, ପ୍ରଜନନ ସ୍ୱାସ୍ଥ୍ୟ ଏବଂ ପ୍ରଜନନ ଅଧିକାର ଭଳି ଧାରଣା ଗୁଡ଼ିକୁ ସଠିକ୍ ଭାବରେ ବୁଝିବା ତଥା ଏହାକୁ ପ୍ରୟୋଗ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ସଂକ୍ଷିପ୍ତ ବିବରଣୀରେ ଲିଙ୍ଗଗତ ଏବଂ ଯୌନ ସମ୍ବନ୍ଧୀୟ ଧାରଣା ଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ଚିତ୍ର ପ୍ରଦାନ କରିବା ଏବଂ ସୁରକ୍ଷିତ ଗର୍ଭସମାପ୍ତି ସହିତ ସଂଯୁକ୍ତ କରିବାକୁ ଚେଷ୍ଟା କରାଯାଇଛି ।

**: ଲିଙ୍ଗଗତ ସଂଜ୍ଞା** ପୁରୁଷ କିମ୍ବା ମହିଳାଙ୍କର ଲିଙ୍ଗଗତ ସଂଜ୍ଞା, ଯାହାକୁ ସାମାଜିକ ବ୍ୟବସ୍ଥା ଏବଂ ସଂସ୍କୃତି ନିରୂପଣ କରିଥାଏ । ଏହା ଜୈବିକତାଭିତ୍ତିରେ ସ୍ଥିର ହୁଏନାହିଁ ବରଂ ସାମାଜିକ ବ୍ୟବସ୍ଥା ଦ୍ୱାରା ଗଠନ ହୋଇଥାଏ ।

**ସାମାଜିକ ବ୍ୟବସ୍ଥା ଉପରେ ଲିଙ୍ଗର ସଂଜ୍ଞା ନିର୍ଭର କରେ ।**

| | | |
|---|---|---|
| **ସମାଜରେ ବିଶ୍ୱାସ** | ପୁରୁଷମାନେ ଶକ୍ତିଶାଳୀ ପୁରୁଷମାନେ ବିଗ୍ରହବନ୍ତ | ମହିଳାମାନେ ଦୁର୍ବଳ ,ମହିଳାମାନେ ଭାବପ୍ରବଣ । |
| **ଲିଙ୍ଗଗତ ମାନଦଣ୍ଡ** | ପୁରୁଷ ମାନଙ୍କର ନିଜସ୍ୱ ଅଭିବ୍ୟକ୍ତି ଅଛି ଏବଂ ସେମାନେ ନିଜ ମତବ୍ୟକ୍ତ କରିପାରନ୍ତି | ମହିଳାମାନେ ନିଜର ଭାବନା ପରିପ୍ରକାଶ କରିବା ଅନୁଚିତ । |
| **ଲିଙ୍ଗଗତ ଭୂମିକା** | ପୁରୁଷମାନେ ପରିବାରକୁ ପୋଷିବା କଥା । | ମହିଳାମାନେ ଘରକାମ କରିବା ଏବଂ ସମସ୍ତଙ୍କ ଯତ୍ନନେବା ଜରୁରୀ |
| **ଶ୍ରମ ବିଭାଜନ** | ପୁରୁଷମାନେ ନିଶ୍ଚିତ ଭାବରେ ଉତ୍ପାଦନକ୍ଷମ କାର୍ଯ୍ୟ ସହିତ ଏବଂ ରୋଜଗାର କରିବା ଆବଶ୍ୟକ । | ମହିଳାମାନେ ନିଶ୍ଚିତ ଭାବେ ପ୍ରଜନନ ଏବଂ ଲାଳନପାଳନ କାର୍ଯ୍ୟ କରିବା ଉଚିତ |
| **ବିଭିନ୍ନ କ୍ଷେତ୍ର କାର୍ଯ୍ୟକଳାପ ଏବଂ କାର୍ଯ୍ୟଭାର** | ପୁରୁଷମାନଙ୍କର କାର୍ଯ୍ୟକଳାପଗୁଡ଼ିକ ସର୍ବସାଧାରଣ କ୍ଷେତ୍ରରେ ହୋଇଥାଏ | ମହିଳାମାନଙ୍କର କାର୍ଯ୍ୟଗୁଡ଼ିକ ବ୍ୟକ୍ତିଗତ କ୍ଷେତ୍ରରେ ହୋଇଥାଏ । |

ଯେତେବେଳେ ଏହି ସମସ୍ୟା ଗୁଡିକୁ ବାହାରକୁ ଆଣିବା ଏବଂ ସେମାନଙ୍କୁ ଏହା ସହିତ ଯୋଡ଼ିଲା ବେଳେ ପିତୃସତ୍ତା, ଲିଙ୍ଗ, ଯୌନତା, ଯୌନ ସ୍ୱାସ୍ଥ୍ୟ ଏବଂ ଯୌନଗତ ଅଧିକାର, ପ୍ରଜନନ ସ୍ୱାସ୍ଥ୍ୟ ଏବଂ ଅଧିକାର ପରି ଧାରଣା ଗୁଡିକୁ ସଠିକ ଭାବରେ ବୁଝିବା ତଥା ପ୍ରୟୋଗ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ ।

## :ଲିଙ୍ଗଗତ ବିଶ୍ଳେଷଣ

ଲିଙ୍ଗଗତ ବିଶ୍ଳେଷଣ ହେଉଛି ଏକ ସାମାଜିକ ବିଶ୍ଳେଷଣ ଯାହା ଏକ ନିର୍ଦ୍ଦିଷ୍ଟ ସାମାଜିକ, ଅର୍ଥନୈତିକ ଗୋଷ୍ଠୀ ଏବଂ ପ୍ରସଙ୍ଗରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ସାଧନ, କାର୍ଯ୍ୟକଳାପ, ଦକ୍ଷତା ଏବଂ ପ୍ରତିବନ୍ଧକ ଗୁଡ଼ିକୁ ପୃଥକ ଭାବେ ଦେଖିଥାଏ ।

## : ପିତୃସତ୍ତା


ପିତୃସତ୍ତା ଅସନ୍ତୁଳିତ ଐତିହାସିକ କ୍ଷମତାଏବଂ ସାଂସ୍କୃତିକ ଅଭ୍ୟାସକୁ ବୁଝାଏ ଯାହା ପୁରୁଷମାନଙ୍କୁ ସମାଜରେ ଅଧିକ କ୍ଷମତା ପ୍ରଦାନ କରିଥାଏ ଏବଂ ପରିବାରରେ ମହିଳା ଏବଂ ବାଳିକାମାନଙ୍କ ଠାରୁ ଅଧିକ ଆୟ, ଅନୌପଚାରିକ ସୁବିଧା ସହିତ ସେବା ଯତ୍ନ ଏବଂ ଘରୋଇ କାର୍ଯ୍ୟ ପରି ସାମଗ୍ରୀକ ସୁବିଧା ସବୁ ଆଶା କରିଥାଏ । ପିତୃସତ୍ତା ଏକ ଅନୁଷ୍ଠାନ ପରି । ଏହା ଏକାଧିକ ସ୍ତର, ଯେପରି ବ୍ୟକ୍ତିଗତ, ପରିବାର, ସମ୍ପ୍ରଦାୟ ସମାଜରେ ଏବଂ ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, ଆଇନ ପରି ବ୍ୟବସ୍ଥାରେ କାର୍ଯ୍ୟ କରିଥାଏ ।

## : ଯୌନତା

ଲିଙ୍ଗ ,ଲିଙ୍ଗଗତ ପରିଚୟ ଏବଂ ଭୂମିକା, ଯୌନ ଆଭିମୁଖ୍ୟ, ଯୌନସମ୍ପର୍କ, ଆନନ୍ଦ, ଉଦ୍ଦୀପନା, ଅନ୍ତରଙ୍ଗତା ଏବଂ ପ୍ରଜନନକୁ ଅନ୍ତର୍ଭୁକ୍ତ କରିଥାଏ । ଅନୁଭୂତି, କଳ୍ପନା, ଇଚ୍ଛା, ବିଶ୍ୱାସ, ମନୋଭାବ, ମୂଲ୍ୟବୋଧ,ଅଭ୍ୟାସ, ଭୂମିକା, ଦାୟିତ୍ୱ ଏବଂ ସମ୍ପର୍କରେ ଯୌନତା ଅନୁଭବ ଏବଂ ପରିପ୍ରକାଶ ହୁଏ । ଯଦିଓ ଯୌନତା ଏ ସମସ୍ତ ଦିଗକୁ ଅର୍ନ୍ତଭୁକ୍ତ କରିଥାଏ କିନ୍ତୁ ସେଗୁଡ଼ିକୁ ସମସ୍ତେ ସବୁ ସମୟରେ ଅନୁଭବ ବା ପରିପ୍ରକାଶ କରି ନ ଥାଆନ୍ତି ।

1 Barker et al. “Engaging men and boys in changing gender-based inequity in health: Evidence from programme interventions”, World Health Organisation (2007), www.who.int/gender/documents/ Engaging_men_boys.pdf

2 “Defining sexual health, Report of a technical consultation on sexual health, 28–31 January 2002”, World Health Organisation, 2006 www.who.int/reproductivehealth/publications/sexual_health/ defining_sexual_health.pdf


ନୈତିକତା
ଶରୀର ସମ୍ବନ୍ଧୀୟ
ଭୌଗଳିକ
ରାଜନୈତିକ
ଆଧ୍ୟାତ୍ମିକ
ଯୌନତା
ଧାର୍ମିକ
ସାଂସ୍କୃତିକ
ଶାରୀରିକ
ଅର୍ଥନୈତିକ

# ପୁରୁଷ ଯୌନତା

ପୁରୁଷମାନେ ଯୌନସମ୍ପର୍କ
ଆରମ୍ଭ କରନ୍ତି । ସେମାନେ
ଯୌନସମ୍ପର୍କ ପାଇଁ ଦାବି
କରିପାରିବେ ।

ପୁଅ ଏକ ଝିଅ ସହିତ ବନ୍ଧୁତା ପାଇଁ
ପଦକ୍ଷେପ ନିଏ ଏବଂ ଯଦି ସେ
ଝିଅଟି ମନା କରେ ;
ଏହା ତାର ପୁରୁଷ ପଣିଆକୁ
ଅପମାନିତ କରିଥାଏ ।

ପୁରୁଷ ମାନଙ୍କର
ଯୌନାକାଂକ୍ଷା ଅଧିକ

ପୁରୁଷମାନେ ଏକାଧିକ
ଯୌନ ସମ୍ପର୍କ ରଖନ୍ତି

ଧାତୁକ୍ଷୟ ହେବା
ଦୁର୍ବଳ ହେବା
ସହିତ ସମାନ ।

ପୁରୁଷଙ୍କ ବୀର୍ଯ୍ୟ ନଷ୍ଟ ହେବା ଉଚିତ୍
ନୁହେଁ ।

ଶକ୍ତି ସହିତ ଶରୀର
ଗଠନ ପ୍ରଦର୍ଶନ କରିବା
ଠିକ୍ ।

ପୁରୁଷମାନେ ଶକ୍ତିଶାଳୀ,
ପୁରୁଷମାନେ ନେତୃତ୍ୱ
ନେଇପାରନ୍ତି ।

# ମହିଳାଙ୍କ ଯୌନତା

ମହିଳାମାନେ ଯୌନସମ୍ପର୍କ ଆରମ୍ଭ କରିବା ଉଚିତ୍ ନୁହେଁ ସେମାନେ ଯୌନାକାଂକ୍ଷା ଦେଖାଇବା ଠିକ୍ ନୁହେଁ ।

ଯେତେବେଳେ ବି ଜଣେ ପୁରୁଷ ଯୌନ ସମ୍ପର୍କ ଇଚ୍ଛାକରେ ମହିଳାମାନେ ନିଶ୍ଚିତ ପାଳନ କରିବେ ।

ମହିଳାମାନଙ୍କର ଯୌନ ଇଚ୍ଛା କମ୍ ଥାଏ ।

ମହିଳାମାନେ ନିଶ୍ଚିତ ଭାବରେ ତାଙ୍କ ଶରୀରକୁ ଆଚ୍ଛାଦିତ କରି ରଖିବା ଆବଶ୍ୟକ ।

ମହିଳାମାନେ ଶାଳୀନତା ରକ୍ଷା କରିବା ଉଚିତ୍ ।

ମହିଳାମାନେ ଦୁର୍ବଳ, ମହିଳାମାନେ ନିଷ୍ପତି ଗୁଡିକୁ କାର୍ଯ୍ୟକାରୀ କରିବେ ।

# ସୁରକ୍ଷିତ ଗର୍ଭସମାପ୍ତି କିପରି ଲିଙ୍ଗ ଏବଂ ଯୌନତା ସହିତ ସମ୍ପର୍କୀତ ?

୧. ସମ୍ବଳ ଉପରେ ମହିଳାମାନଙ୍କ ନିୟନ୍ତ୍ରଣର ଅଭାବ ।

୨. ଗର୍ଭଧାରଣକୁ ରୋକିବା ପାଇଁ ପୁରୁଷମାନଙ୍କର କୌଣସି ଦାୟୀତ୍ୱ ନନେବା

୩. ବିବାହ ପୂର୍ବରୁ ବା ବିବାହ ପରେ ସହମତି ବିହୀନ ଯୌନ ସମ୍ପର୍କ ।

୪. ଗର୍ଭନିରୋଧକ ପାଇବାରେ ଅସୁବିଧା ।

୫. ଗର୍ଭସମାପ୍ତିକୁ ନେଇ ଗ୍ଲାନି ଏବଂ ଅପରାଧବୋଧ

୬. ଗର୍ଭସମାପ୍ତି ସେବାଗୁଡ଼ିକର ମୂଲ୍ୟ ଏବଂ ମହିଳା ବିଶେଷକରି ଯୁବତୀମାନଙ୍କ କ୍ଷେତ୍ରରେ ସେବା ପହଞ୍ଚି ନପାରିବା ।

୭. ଖରାପ ଗୁଣବତ୍ତା ଏବଂ ଶୋଷଣକାରି ସେବା ।

୮. ବିଶେଷ କରି ଯୁବତୀମାନଙ୍କ ପାଇଁ ଭେଦଭାବପୂର୍ଣ୍ଣ ସେବା ।

୯. ଗର୍ଭସମାପ୍ତି ବିଷୟରେ ଆଇନଗତ ସଚେତନାର ଅଭାବ ।

THE MEDICAL TERMINATION OF PREGNANCY ACT • MATERNAL MORTALITY • TERMINATION CONDITIONS • MIFEPRISTONE MISOPROSTOL • DISTRICT COMMITTTEE • SEX DETERMINATION THE PRE-CONCEPTION PRE-NATAL DIAGNOSTIC TECHNIQUES ACT ULTRASONOGRAPHY • SEX DETERMINATION FROM SEXUAL OFFENCES ACT TERMINATION ACT • MATERNAL MORTALITY • TERMINATION CONDITIONS • MIFEPRISTONE COMMITTEE • SEX DETERMINATION RASONOGRAPHY THE MEDICAL TERMINATION OF PREGNANCY ACT • MATERNAL MORTALITY • TERMINATION CONDITIONS • MIFEPRISTONE MISOPROSTOL • DISTRICT COMMITTTEE • SEX DETERMINATION

# ଗର୍ଭସମାପ୍ତି + ଆଇନ

# ଡାକ୍ତରୀ ପଦ୍ଧତିରେ ଗର୍ଭସମାପ୍ତି (MTP) ଆଇନ, ଭାରତ (୧୯୭୧) ଆଶାକରେ ଯେ,



ଗର୍ଭସମାପ୍ତି କୁ ଆଇନ ସମ୍ମତ କରି ଅସୁରକ୍ଷିତ ଗର୍ଭସମାପ୍ତି ଜନିତ ମାତୃମୃତ୍ୟୁ ହାର ଏବଂ ମାତୃରୋଗ ହାରକୁ ହ୍ରାସ କରିବା

ସୁରକ୍ଷିତ ଗର୍ଭସମାପ୍ତି ସେବାକୁ ସୁଗମ୍ୟ କରିବା ଏବଂ ସେବା ପ୍ରଦାତା ଚିକିତ୍ସକ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଅନ୍ୟଥା ସେମାନେ ଭାରତୀୟ ଦଣ୍ଡବିଧି ସଂହିତା ୧୯୬୦ର ଧାରା ୩୧୨-୩୧୬ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବେ ।

ଏହା ମହିଳାମାନଙ୍କୁ ଆଇନଗତ ଗର୍ଭସମାପ୍ତି ଅଧିକାର ଦେଇନଥାଏ କିନ୍ତୁ କିଛି ତାଲିକାଭୁକ୍ତ ସର୍ତ୍ତରେ ମହିଳାମାନେ ସୁରକ୍ଷିତ ଗର୍ଭସମାପ୍ତି ସେବା ପାଇବାପାଇଁ ଯୋଗ୍ୟ ହୋଇପାରନ୍ତି ।

## ଏମ୍.ଟି.ପି ଆକ୍ଟ ଅଧିନରେ ଗର୍ଭସମାପ୍ତି ପାଇଁ ସର୍ତ୍ତଗୁଡ଼ିକ କଣ ?

ଗର୍ଭାବସ୍ଥା ପ୍ରସାରଣ ଗର୍ଭବତୀ ମହିଳାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କଲେ କିମ୍ବା ଗୁରୁତ୍ତର ଭାବେ ଶାରୀରିକ କିମ୍ବା ମାନସିକ ସ୍ୱାସ୍ଥ୍ୟ ଆଘାତ ହେବାରଥିଲେ ;

ବଳାତ୍କାର ଯୋଗୁଁ ଗର୍ଭଧାରଣ (ମାନସିକ ସ୍ୱାସ୍ଥ୍ୟରେ ଗୁରୁତର ଆଘାତ ସୃଷ୍ଟି କରିବାର ଅନୁମାନ କରାଯାଇଥିଲେ) ହୋଇଥିଲେ ।

ଯଦି ପିଲାଟି ଜନ୍ମ ହୁଏ ଏବଂ ଶାରୀରିକ କିମ୍ବା ମାନସିକ ଅସ୍ୱାଭାବିକତା ହେତୁ ଗୁରୁତର ଭାବରେ ଅକ୍ଷମ ହେବାଭଳି ସାଂଘାତିକ ବିପଦ ଥାଏ ।

ଜଣେ ବିବାହିତ ମହିଳା କିମ୍ବା ତାଙ୍କ ସାଥୀଙ୍କ ଦ୍ୱାରା ବ୍ୟବହୃତ ଗର୍ଭନିରୋଧ କର ବିଫଳତା ହେତୁ ଏହି ଗର୍ଭଧାରଣ ହୋଇଥିଲେ (ମାନସିକ ସ୍ୱାସ୍ଥ୍ୟରେ ଗୁରୁତର ଆଘାତ ସୃଷ୍ଟି କରିବାର ଅନୁମାନ କରାଯାଉଥିଲେ) ।

## କେତେଦିନ ଭିତରେ ଗର୍ଭସମାପ୍ତି କରା ଯାଇପାରିବ ଏବଂ କିଏ ଏହା କରିପାରିବ ?

୨୦ ସପ୍ତାହ ମଧ୍ୟରେ ଜଣେ ସେବା ପ୍ରଦାନକାରୀ (ଡାକ୍ତର)ଙ୍କ ଅନୁମୋଦନ କ୍ରମେ ଗର୍ଭସମାପ୍ତି କରାଯାଇପାରିବ ।

୨୦ ରୁ ୨୪ ସପ୍ତାହ ମଧ୍ୟରେ ଗର୍ଭବସ୍ଥାର ସମାପ୍ତି ପାଇଁ ଦୁଇଜଣ ସେବା ପ୍ରଦାନକାରୀ (ଡାକ୍ତର)ଙ୍କର ଅନୁମୋଦନ ଦରକାର ।

ଗର୍ଭସ୍ଥ ଭ୍ରୁଣର ସ୍ଥିତିରେ ଅସ୍ୱାଭାବିକତା ଥିଲେ ରାଜ୍ୟ ମେଡ଼ିକାଲ ବୋର୍ଡ଼'ର ସୁପାରିଶ କ୍ରମେ ୨୪ ସପ୍ତାହପରେ ମଧ ଗର୍ଭସମାପ୍ତି କରାଯାଇପାରିବ ।

## କେଉଁଠାରେ ଏକ ଗର୍ଭସମାପ୍ତି ହୋଇପାରିବ ?

ବର୍ତ୍ତମାନ ସ୍ଥିତିରେ ସରକାରଙ୍କ ଦ୍ୱାରା ସ୍ଥାପିତ କିମ୍ବା ସରକାରଙ୍କ ରକ୍ଷଣାବେକ୍ଷଣରେ ଥିବା କିମ୍ବା ଅଧିନିୟମ ଅନୁଯାୟୀ ଜିଲ୍ଲା ସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ହୋଇଥିବା ସ୍ଥାନରେ

## ଏମ୍.ଟି.ପି ଆଇନ୍‌ରେ ସଂଶୋଧନ

| | |
|---|---|
| ୨୦୦୨ | ଭାରତ ସରକାର ଶୀଘ୍ର ଗର୍ଭସମାପ୍ତି ପାଇଁ ଦୁଇଟି ଡାକ୍ତରୀ ଗର୍ଭସମାପ୍ତି ଔଷଧ ମିଫେପ୍ରିଷ୍ଟୋନ ସହିତ ମିସୋପ୍ରୋଷ୍ଟୋଲର ବ୍ୟବହାର ପାଇଁ ଅନୁମତି ଦେଇଛନ୍ତି ।[1] |
| ୨୦୦୩ | ଗର୍ଭସମାପ୍ତି ସ୍ଥାନଗୁଡ଼ିକର ପଞ୍ଜିକରଣକୁ ବିକେନ୍ଦ୍ରୀକରଣ ପାଇଁ ସି.ଏମ୍.ଓ / ଡି.ଏଚ୍.ଓଙ୍କ ଅଧ୍ୟକ୍ଷତାରେ ପରିଚାଳିତ ୩-୫ ଜଣ ସଦସ୍ୟ ବିଶିଷ୍ଟ ଜିଲ୍ଲାସ୍ତରୀୟ କମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଛି । ଯାହାଫଳରେ ଅଧିକ ସଂଖ୍ୟାରେ ଗର୍ଭସମାପ୍ତି ସ୍ଥାନ ଜଣାଇବାର ସମ୍ଭାବନାକୁ ବୃଦ୍ଧି କରିବ । ଏବଂ ଏହାଫଳରେ ଆଇନଗତ ଗର୍ଭସମାପ୍ତିରେ ଉନ୍ନତି ଆସିପାରିବ ।<br><br>ବିକଳ୍ପ ପରିସ୍ଥିତିକୁ ବୃଦ୍ଧି କରିବାପାଇଁ ଡାକ୍ତରୀ ଗର୍ଭସମାପ୍ତି ବଟିକା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଯେ ପର୍ଯ୍ୟନ୍ତ ଜରୁରୀକାଳିନ ସହାୟତାର ପରିସର ସେମାନଙ୍କ ପାଇଁ ଉପଲବ୍ଧ ଅଛି ସେ ପର୍ଯ୍ୟନ୍ତ ଏକ ପଞ୍ଜିକୃତ ସ୍ୱାସ୍ଥ୍ୟ ବ୍ୟବସ୍ଥା ବାହାରେ ସ୍ୱିକୃତୀପ୍ରାପ୍ତ ସେବା ପ୍ରଦାନକାରୀଙ୍କୁ ଡାକ୍ତରୀ ଗର୍ଭସମାପ୍ତି ଔଷଧ ଲେଖିବାକୁ ନିର୍ଦ୍ଦେଶ ଦିଆଯାଇଛି । |
| ୨୦୨୧ | ଆଇନଗତ ଗର୍ଭସମାପ୍ତି ପାଇଁ ଗର୍ଭଧାରଣ ଅବଧିକୁ ୨୪ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି, ଗର୍ଭଧାରଣର ୯ ସପ୍ତାହ ପର୍ଯ୍ୟନ୍ତ ଔଷଧୀୟ ପଦ୍ଧତିରେ ଗର୍ଭସମାପ୍ତିର ଅନୁମତି, ୨୦ ସପ୍ତାହ ମଧ୍ୟରେ ଜଣେ ସେବା ପ୍ରଦାନକାରୀ (ଡାକ୍ତର)ଙ୍କ ଅନୁମୋଦନ,୨୦ ରୁ ୨୪ ସପ୍ତାହ ମଧ୍ୟରେ ଗର୍ଭବସ୍ଥାର ସମାପ୍ତି ପାଇଁ ଦୁଇଜଣ ସେବା ପ୍ରଦାନକାରୀ (ଡାକ୍ତର)ଙ୍କର ଅନୁମୋଦନ, ୨୪ ସପ୍ତାହପରେ ଗର୍ଭସ୍ଥ ଭୃଣର ସ୍ଥିତିରେ ଅସ୍ୱାଭାବିକତା ଥିଲେ ଗର୍ଭସମାପ୍ତି କରିବାପାଇଁ ରାଜ୍ୟ ମେଡ଼ିକାଲ ବୋର୍ଡ଼ର ଅନୁମୋଦନ ଆବଶ୍ୟକ ।<br><br>ଗର୍ଭନିରୋଧକର ବିଫଳତା ହେତୁ ଗର୍ଭଧାରଣର ପରିସମାପ୍ତିପାଇଁ ବୈବାହିକ ସ୍ଥିତି ନିର୍ବିଶେଷରେ ଅନୁମତି ।<br><br>ସେବାପ୍ରଦାନକାରୀଙ୍କ ଦ୍ୱାରା ପରିଚୟ ଗୋପନୀୟତାର ଉଲଙ୍ଘନ ହେଲେ ୧ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ଆର୍ଥିକ ଦଣ୍ଡ ।[2] |

### ଜିଲ୍ଲା କମିଟିର ଭୂମିକା

ଗର୍ଭସମାପ୍ତି ସେବା ଯୋଗାଇବା ପାଇଁ ଏମ.ଟି.ପି ଅଧିନିୟମ ଅନୁଯାୟୀ ଅନୁମୋଦନ ଲୋଡ଼ିଥିବା ସ୍ୱାସ୍ଥ୍ୟ ବ୍ୟବସ୍ଥା ଗୁଡ଼ିକର ଦରଖାସ୍ତ ଗୁଡ଼ିକର ସମୀକ୍ଷା କରିବାରେ ଜିଲ୍ଲାସ୍ତରୀୟ କମିଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କମିଟି ଆବେଦନ ଗୁଡ଼ିକୁ ବିଚାର କରେ ଏବଂ ସୁପାରିଶ ଉପରେ ଆଧାର କରି ଗର୍ଭସମାପ୍ତିସେବା ପ୍ରଦାନ ପାଇଁ ଅନୁମୋଦନ ପ୍ରମାଣପତ୍ର ପ୍ରଦାନ କରେ ।

1 The Medical Termination of Pregnancy Rules: Amendment, Government of India, New Delhi, India, 2003

2 Stillman M. et al., "Abortion in India: A Literature Review", Guttmacher Institute, New York, 2014

# ଗର୍ଭସମାପ୍ତି ପାଇଁ ମହିଳାମାନଙ୍କର ସହମତି ହେଉଛି ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ । ଆଇନ ଦୃଷ୍ଟି କୋଣରୁ ସ୍ୱାମୀଙ୍କର ସହମତିର ଆବଶ୍ୟକତା ପଡିନଥାଏ ।



## ଜିଲ୍ଲା ସ୍ତରୀୟ କମିଟିର ଗଠନ

- ଅଧ୍ୟକ୍ଷ - ମୂଖ୍ୟ ଚିକିତ୍ସା ଅଧିକାରୀ
- ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ
- ସ୍ତ୍ରୀ ରୋଗ ବିଶେଷଜ୍ଞ /ଶଲ୍ୟ ଚିକିତ୍ସକ/ନିଶ୍ଚେତକ
- ସ୍ଥାନୀୟ ପେଷାଦାର ଡାକ୍ତର
- ବେସରକାରୀ ସଂସ୍ଥାର ପ୍ରତିନିଧି
- ପଞ୍ଚାୟତରାଜର ସଦସ୍ୟ

* କମିଟିରେ ଅତିକମ୍‌ରେ ଜଣେ ମହିଳା ସଦସ୍ୟା ରହିବା ଉଚିତ୍ ।

## ମେଡ଼ିକାଲ ବୋର୍ଡ଼ର ଗଠନ

- ସ୍ତ୍ରୀ ରୋଗ ବିଶେଷଜ୍ଞ
- ଶିଶୁରୋଗ ବିଶେଷଜ୍ଞ
- ରେଡ଼ିଓଲୋଜିଷ୍ଟ / ସୋନୋଲୋଜିଷ୍ଟ
- ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ସରକାରୀ ଗେଜେଟ୍ ଅଧିନିୟମ ଅନୁଯାୟୀ ଜଣେ ସଦସ୍ୟ

# ଗର୍ଭଧାରଣ ପୂର୍ବ ଏବଂ ପ୍ରସବ ପୂର୍ବ ରୋଗ ନିରୂପଣ ନିଦାନ କୌଶଳ (PCPNDT) ଆଇନ-୧୯୯୪ ଭାରତ ଆଶାକରେ

ପ୍ରସବ ପୂର୍ବ ରୋଗ ନିରୂପଣ କୌଶଳକୁ ନିୟନ୍ତ୍ରଣ କରିବା ଏବଂ ଆନୁବଂଶିକ / ଶରୀର ଅଭିବୃଦ୍ଧି ଓ ଶକ୍ତିଦାୟକ ବ୍ୟାଧି, ଜୀବକୋଷ ଅସ୍ୱାଭାବିକତା,ଜନ୍ମଗତ ବିକୃତି କିମ୍ବା ଯୌନ ସମ୍ବନ୍ଧୀୟ ବ୍ୟାଧି ଗୁଡ଼ିକର ଚିହ୍ନଟ କରିବାରେ ସେଗୁଡ଼ିକୁ ସୀମିତ ରଖିବା ।

ଲିଙ୍ଗ ନିରୂପଣକୁ ରୋକିବାପାଇଁ ଏହିପରି କୌଶଳଗୁଡ଼ିକର ଅପବ୍ୟବହାରକୁ ବନ୍ଦ କରିବା ଦରକାର କାରଣ ଯାହା ଦ୍ୱାରା ଗତ ଦୁଇ ଦଶନ୍ଧି ମଧ୍ୟରେ ଶିଶୁଙ୍କ ଲିଙ୍ଗ ଅନୁପାତ ଏବଂ ଜନ୍ମ ସମୟରେ ଲିଙ୍ଗ ଅନୁପାତ ହ୍ରାସ ପାଇବାରେ ଲାଗିଛି ।

## କଣ ସବୁ ଏହି ଆଇନ୍ ପ୍ରଦାନ କରେ

- ଗର୍ଭଧାରଣ ପୂର୍ବରୁ ଏବଂ ପରେ ଲିଙ୍ଗ ନିରୂପଣ ନିଷେଧ ।
- ଗର୍ଭଧାରଣ ପୂର୍ବରୁ କିମ୍ବା ପରେ ଲିଙ୍ଗ ନିରୂପଣ ପାଇଁ ଏହିପରି କୌଶଳର ଅପବ୍ୟବହାର ନିଷେଧ ।
- ଏହି ଅଧିନିୟମ ଅନୁଯାୟୀ ପଞ୍ଜିକୃତ ହୋଇନଥିବା ବ୍ୟକ୍ତିଙ୍କୁ ଅଲଟ୍ରାସାଉଣ୍ଡ ମେସିନ୍ ବିକ୍ରୟ ଉପରେ ପ୍ରତିବନ୍ଧକ ।
- ଆନୁବଂଶିକ ଅସ୍ୱାଭାବିକତାକୁ ଚିହ୍ନଟ କରିବା ପାଇଁ ପ୍ରସବ ପୂର୍ବ ପରୀକ୍ଷଣ (ଆମନିଓସେଂଟେସିସ ଏବଂ ଅଲଟ୍ରାସୋନେଗ୍ରାଫି) କୌଶଳର ନିୟନ୍ତ୍ରଣ ପାଇଁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପଞ୍ଜିକୃତ ଅନୁଷ୍ଠାନ ଗୁଡ଼ିକରେ ଏବଂ ସେସବୁ ଉଦ୍ଦେଶ୍ୟରେ ପଞ୍ଜିକୃତ ଯୋଗ୍ୟତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ହେଉଥିବା ବ୍ୟବହାର ମଧ୍ୟରେ ସୀମିତ ରଖିବା ।
- ଲିଙ୍ଗ ନିରୂପଣ ପାଇଁ ବ୍ୟବହୃତ ଯେକୌଣସି କୌଶଳର ବିଜ୍ଞାପନକୁ ନିଷେଧ କରାଯାଇଛି ।
- ଆଇନ୍ (MTP ଏବଂ PCPNDT) ଆଇନର ଉଲଙ୍ଘନ ପାଇଁ ଦଣ୍ଡବିଧାନ ।

## ଗର୍ଭସମାପ୍ତି ଏବଂ ଲିଙ୍ଗ ନିରୂପଣ ରୋକିବା
### ଭିତରେ ସଂଯୋଗକୁ ବୁଝିବା

ଯଦିଓ ଆଇନ ଲିଙ୍ଗ ନିରୂପଣ ପାଇଁ ବ୍ୟବହୃତ ପ୍ରଯୁକ୍ତି ବିଦ୍ୟାର ଅପବ୍ୟବହାରକୁ ନିୟନ୍ତ୍ରଣ କରିବାପାଇଁ ଉଦ୍ଦିଷ୍ଟ । ଏକ ଅବାଧିତ ଫଳାଫଳ ନିରାପଦ ଗର୍ଭସମାପ୍ତି ସେବା ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପକାଉଛି । ଖୋଲାଖୋଲି ଭାବରେ ଏହାକୁ ସ୍ୱୀକାର କରିବାକୁ ପଡିବଯେ, ଲିଙ୍ଗନିରୂପଣ ହେଉଛି ନିରବଚ୍ଛିନ୍ନ ଭାବରେ ଜନ୍ମ ପୂର୍ବରୁ ଏବଂ ଜନ୍ମ ପରେ ଲିଙ୍ଗଗତ ଭେଦଭାବର ଏକ ଅଂଶ ।

ନିରାପଦ ଗର୍ଭସମାପ୍ତିର ସେବା ପାଇବା ଏକ ଯୌନ ଏବଂ ପ୍ରଜନନ ଅଧିକାର ଯାହାକି ଜଣେ ମହିଳାଙ୍କ ସ୍ୱାଧୀନତା ଏବଂ ତାଙ୍କ ଶରୀର ଏବଂ ଜୀବନ ସମ୍ବନ୍ଧୀୟ ନିଷ୍ପତିଗୁଡ଼ିକ ଉପରେ ତାଙ୍କର ପସନ୍ଦକୁ ସମର୍ଥନ କରେ । ସାଂପ୍ରତିକ ଆହ୍ୱାନ ଗୁଡ଼ିକ ମଧ୍ୟରେ ଗୋଟିଏ ପଟେ ଲିଙ୍ଗଗତ ନ୍ୟାୟ ଏବଂ ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ତଥା ଅଧିକାର ଗୁଡ଼ିକ ଥିବାବେଳେ ଅନ୍ୟପଟେ ଜନ ଓକିଲାତି ଲିଙ୍ଗ ନିରୂପଣକୁ ବିରୋଧ କରୁଛି । ତଥାପି ମହିଳାମାନଙ୍କୁ ଅବାଞ୍ଛିତ ଗର୍ଭଧାରଣରୁ ରକ୍ଷା କରିବା ସହିତ ନିରାପଦ ଗର୍ଭସମାପ୍ତିକୁ ସୁଗମ କରନ୍ତୁ ।

ଲିଙ୍ଗଗତ ପକ୍ଷପାତିତା, ଲିଙ୍ଗନିରୂପଣ ଏକ ଭେଦଭାବପୂର୍ଣ୍ଣ ପ୍ରଥା ଯାହା ଭାରତୀୟ ପିତୃସତ୍ତାତ୍ମକ ବ୍ୟବସ୍ଥାର ଏକ ପ୍ରତିଫଳନ, ନାରୀବାଦୀ ଗୋଷ୍ଠୀମାନଙ୍କ ନେତୃତ୍ୱରେ ହେଉଥିବା ଜନ ଓକିଲାତି ଏହି ବିଷୟ ସହିତ ଜଡିତ ସାଧାରଣ ମୂଲ୍ୟବୋଧ ଏବଂ ମାନସିକତାକୁ ପରୀକ୍ଷା କରି ଏହି ଦୁଇଟି ଆଇନର ବ୍ୟାଖ୍ୟା କରି ଉଭୟ ଆଇନ ମଧ୍ୟରେ ଅଧିକ ସମ୍ମିଶ୍ରଣ କରିବାର ଆବଶ୍ୟକତାକୁ ଚିହ୍ନଟ କରିଛନ୍ତି ।

# ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା (POCSO) ଆଇନ -(୨୦୧୨) ଆଶା କରେ,

ଯୌନ ଅପରାଧରୁ ପିଲାମାନଙ୍କର ସୁରକ୍ଷା ଆଇନ୍ (ପୋକସୋ) ଭାରତ ୨୦୧୨- ଆଶାକରେ ଯେ ଯୌନ ଅପରାଧ ଏବଂ ପିଲାଙ୍କ ଉପରେ ହେଉଥିବା ଯୌନ ଶୋଷଣରୁ ସୁରକ୍ଷା ରୂପେ ସମାଧାନ କରିବା । ୧୮ ବର୍ଷ (ସହମତିର ବୟସ) ରୁ କମ୍ ଶିଶୁ ସମ୍ବନ୍ଧୀୟ ସମସ୍ତ ଯୌନ କାର୍ଯ୍ୟକଳାପର ବିବୃତି ବାଧ୍ୟତାମୂଳକ ଅଟେ । ଯଦି ଜଣେ ଗର୍ଭବତୀ ନାବାଳିକାଙ୍କ ଡାକ୍ତରୀମାଇନା କରିବାକୁ ଚାହାଁନ୍ତି ତେବେ ଆଇନ୍ ଦୃଷ୍ଟିକୋଣରୁ ଡାକ୍ତରଙ୍କ ଦ୍ଵାରା କର୍ତ୍ତୃପକ୍ଷଙ୍କୁ ଏହାର ବିବୃତି ଜଣାଇବାକୁ ଆଶା କରାଯାଏ ।

ଏକ ଆଇନ୍‌ଗତ ଅଭିଭାବକଙ୍କର ସହମତି ପରେ ଏବଂ ଏମ୍.ଟି.ପି ଆଇନ୍ ଅଧୀନରେ ଧାର୍ଯ୍ୟ କରାଯାଇଥିବା ସମସ୍ତ ସର୍ତ୍ତ ଗୁଡ଼ିକୁ ପୂରଣ କରିବା ପରେ ଜଣେ ନାବାଳିକାକୁ ଗର୍ଭସମାପ୍ତି ପାଇଁ ଆଇନତଃ ଅନୁମତି ଦିଆଯାଏ ।

**ପୋକସୋ (POCSO) ଆଇନ୍‌ର ମହତ୍ତ୍ଵ ଉଦ୍ଦେଶ୍ୟ ସତ୍ତ୍ଵେ - ଏହା ନିରାପଦ ଗର୍ଭସମାପ୍ତି ସେବା ପାଇବାରେ ଏକ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରେ ।**



### ନାବାଳିକା ଏବଂ ଗର୍ଭସମାପ୍ତି

ଯେତେବେଳେ ଏମ୍.ଟି.ପି ନିୟମାବଳୀ ଗର୍ଭସମାପ୍ତି କରିଥିବା ବ୍ୟକ୍ତିଙ୍କ ପରିଚୟ ଡ଼ାକ୍ତର ଗୋପନୀୟତା ରକ୍ଷା କରିବା ଆବଶ୍ୟକ କରେ, ସେତେବେଳେ (POCSO) ଆଇନ୍ ନିର୍ଦ୍ଦେଶ ଦିଏ ଯେ, ଯଦି ନାବାଳିକା ଗର୍ଭସମାପ୍ତିପାଇଁ ଇଚ୍ଛା କରେ ତେବେ ସେମାନେ ଏହାର ବିବରଣୀ ଜଣାଇବେ । ଏହାର ପରିଣାମ ସ୍ୱରୂପ ଭୟରେ କମ୍ ବୟସର ଝିଅମାନେ ତାଲିମ୍‌ପ୍ରାପ୍ତ ଡାକ୍ତରଙ୍କ ପାଖକୁ ଯିବା ପରିବର୍ତ୍ତେ ଶେଷରେ ଅନିୟନ୍ତ୍ରିତ ଏବଂ ଅସୁରକ୍ଷିତ ଗର୍ଭସମାପ୍ତି ଖୋଜିବାକୁ ବାଧ୍ୟ ହୁଅନ୍ତି ।

THE MEDICAL TERMINATION OF
PREGNANCY ACT • MATERNAL
MORTALITY • TERMINATION
CONDITIONS • MIFEPRISTONE
MISOPROSTOL • DISTRICT
COMMITTTEE • SEX DETERMINATION
THE PRE-CONCEPTION PRE-NATAL
DIAGNOSTIC TECHNIQUES ACT
ULTRASONOGRAPHY • SEX
DETERMINATION •SEXUAL ABUSE •
THE PROTECTION OF CHILDREN
FROM SEXUAL OFFENCES

# ଗର୍ଭସମାପ୍ତି + ଭ୍ରାନ୍ତଧାରଣା

DISTRICT COMMITTEE
TERMINATION OFPREGNANCY
ACT • MATERNAL MORTALITY
TERMINATION CONDITIONS
MIFEPRISTONE COMMITTEE
SEX DETERMINATION
LTRASONOGRAPHY • TERMINATION
MISOPROSTOL • DISTRICT
COMMITTEE • SEX DETERMINATION
THE PRE-CONCEPTION PRE-NATAL
DIAGNOSTIC TECHNIQUES ACT
DETERMINATION •SEXUAL ABUSE

ଗର୍ଭସମାପ୍ତିକୁ ଭାରତରେ ବୈଧାନିକ ମାନ୍ୟତା ଦିଆଯାଇଥିବାବେଳେ ଏବେବି ଏଥିପାଇଁ ଅନେକ ବାଧା ସବୁ ରହିଛି । ସୁରକ୍ଷିତ ଗର୍ଭସମାପ୍ତି ପାଇଁ ସବୁଠାରୁ ପ୍ରଭାବଶାଳୀ ପ୍ରତିବନ୍ଧକ ହେଉଛି ସାଧାରଣ ଭାବରେ ପ୍ରଚଳିତ ସୁରକ୍ଷିତ ଗର୍ଭସମାପ୍ତି ସମ୍ବନ୍ଧୀୟ ଭ୍ରାନ୍ତଧାରଣା ।

## ଭ୍ରାନ୍ତଧାରଣା (ମିଥ୍) : ଆଇନ୍

ମିଥ୍ ଗର୍ଭସମାପ୍ତି ବେଆଇନ କାର୍ଯ୍ୟ

ବାସ୍ତବତା / ସତ୍ୟତା

ଜଣେ ସ୍ତ୍ରୀଲୋକ ୨୦ ସପ୍ତାହ ମଧରେ କୌଣସି ଏକ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିଜର ଗର୍ଭଧାରଣକୁ ସମାପ୍ତି କରିପାରିବେ କିନ୍ତୁ ୨୦ ରୁ ୨୪ ସପ୍ତାହ ମଧରେ ଗର୍ଭଧାରଣକୁ ବନ୍ଦ କରିବାକୁ ଚାହିଁଲେ ତାଙ୍କୁ ଦୁଇ ଜଣ ଡାକ୍ତରଙ୍କ ଠାରୁ ପରାମର୍ଶ ନେବାକୁ ହୋଇଥାଏ । ଗର୍ଭସମାପ୍ତି ପାଇଁ ଅନୁମତି ଏମ.ଟି.ପି (MTP) ଆଇନ୍‌ରେ ନିର୍ଦ୍ଧାରିତ ସର୍ତ୍ତ ଅନୁସାରେ ଦିଆଯାଇପାରିବ ଏବଂ ତାହା ଏହିସବୁ କାରଣକୁ ପୂରଣ କରୁଥିବା ଦରକାର । ମହିଳାଙ୍କ ଜୀବନ ପ୍ରତି ଯଦି ବିପଦଥିବ କିମ୍ବା ମାନସିକ ଅଥବା ଶାରିରୀକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସେହିଭଳି କିଛି ବିପଦପୂର୍ଣ୍ଣ ଆଶଙ୍କା ଥିବ ବଳାତ୍କାର ଜନିତ ପରିଣାମ ସ୍ୱରୂପ ଗର୍ଭଧାରଣ : ଗର୍ଭଧାରଣରେ ଅତିଶୟ ଅସ୍ୱାଭାବିକତା ବା ଅକ୍ଷମତା, ଗର୍ଭନିରୋଧକର ବିଫଳତା (ବୈବାହିକସ୍ଥିତି ନିର୍ବିଶେଷରେ) ।


ସମସ୍ତ ସର୍ତ୍ତ ଗୁଡ଼ିକର ସବିଶେଷ ତଥ୍ୟ ଜାଣିବା ପାଇଁ : ଗର୍ଭସମାପ୍ତି + ଆଇନ ଟିପ୍ପଣୀ ଦେଖନ୍ତୁ ।

| ଭ୍ରମ | ବାସ୍ତବତା / ସତ୍ୟତା |
|---|---|
| ଏକ ନିରାପଦ ଗର୍ଭସମାପ୍ତି ସର୍ବଦା ବୈଧାନିକ | ଆଇନ ଅନୁସାରେ ଗର୍ଭସମାପ୍ତି ସେବା ଯୋଗାଉଥିବା ଡାକ୍ତର ଏବଂ ଗର୍ଭସମାପ୍ତି ପାଇଁ ଆବଶ୍ୟକ ସରଞ୍ଜାମଗୁଡିକର ପଞ୍ଜୀକରଣ ହୋଇଥିବା ଆବଶ୍ୟକମାନେ ନୁହେଁ ଯେ, କେବଳ ପଞ୍ଜୀକରଣ କରିଦେଲେ ଗର୍ଭସମାପ୍ତି ସେବା ନିରାପଦ ବା ବିପଦ ମୁକ୍ତ ହୋଇଯିବ । ନିୟମ ଅନୁସାରେ ଗର୍ଭସମାପ୍ତି ପାଇଁ ଅତ୍ୟାଧୁନିକ ଗୁଣମାନ ବିଶିଷ୍ଟ ସୁବିଧା ସୁଯୋଗ ରହିବା ଆବଶ୍ୟକ । |
| ଜଣେ ମହିଳାଙ୍କର ଗର୍ଭସମାପ୍ତି ପାଇଁ ତାଙ୍କ ସାଥୀଙ୍କର ସମ୍ମତି ଆବଶ୍ୟକ | ଜଣେ ଅପ୍ରାପ୍ତବୟସ୍କା (୧୮ ବର୍ଷରୁ କମ୍ ବୟସ) ତଥା ମାନସିକ ଅସୁସ୍ଥ ମହିଳାଙ୍କ କ୍ଷେତ୍ରରେ ତାଙ୍କର ଗର୍ଭସମାପ୍ତି ପାଇଁ ଜଣେ ଆଇନ୍ ସମ୍ମତ ଅଭିଭାବକଙ୍କର ସହମତି ଆବଶ୍ୟକ । ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳାକ୍ଷେତ୍ରରେ ଏମ୍‌ଟିପି (MTP) ଆଇନ୍ ଅନୁସାରେ ତାଙ୍କର ଗର୍ଭସମାପ୍ତି ପାଇଁ ତାଙ୍କ ପରିବାର ବା ସାଥୀଙ୍କର ସହମତିର ଆବଶ୍ୟକତା ନାହିଁ । ଏହାକୁ ପଞ୍ଜାବ ଏବଂ ହରିୟାନା ଉଚ୍ଚନ୍ୟାୟାଳୟ (୨୦୧୧) ତଥା ସୁପ୍ରିମ କୋର୍ଟ (୨୦୧୭)ରେ କାୟମ ରଖିଛନ୍ତି । |



**ବିବାହିତ ସ୍ତ୍ରୀଟି ସ୍ୱାମୀସହ ସହବାସ କରିବାକୁ ଯଦି ସହମତି ଦେଇଥାଏ ଏହାର ଅର୍ଥ ନୁହେଁ ସେ ଗର୍ଭଧାରଣ କରିବାକୁ ସହମତି ପ୍ରଦାନ କରିଛନ୍ତି । ସ୍ତ୍ରୀ ଲୋକଟି ଗୋଟେ ମେସିନ୍ ନୁହେଁ ଯେଉଁଥିରେ କଞ୍ଚାମାଲ ଭରିଦିଆଯିବ ଏବଂ କାର୍ଯ୍ୟ ଉପଯୋଗି ଉତ୍ପାଦ / ସାମଗ୍ରୀ ସବୁ ବାହାରି ଆସିବ । ଗୋଟିଏ ଶିଶୁକୁ ଜନ୍ମ ଦେବା ପାଇଁ ସେ ମାନସିକ ଭାବରେ ପ୍ରସ୍ତୁତ ଥିବା ଆବଶ୍ୟକ ।**

- ପଞ୍ଜାବ ଏବଂ ହରିୟାନା ଉଚ୍ଚନ୍ୟାୟାଳୟ ବିଗ୍ରହ ଶୁଣାଣୀ ୨୦୧୧ ।





## ଭ୍ରାନ୍ତଧାରଣା (ମିଥ୍) :
## ଡାକ୍ତରୀ ବିଜ୍ଞାନ

ଗର୍ଭସମାପ୍ତି ବିପଜ୍ଜନକ ହୁଏ ନଚେତ ସ୍ୱାସ୍ଥ୍ୟ ଉପରେ ଦୀର୍ଘସ୍ଥାୟୀ ପ୍ରଭାବ ପକାଏ

ଯଦି ସମସ୍ତେ ଗର୍ଭନିରୋଧକ ବ୍ୟବହାର କରିବେ, କାହାରିକୁ ଗର୍ଭସମାପ୍ତି କରିବାକୁ ଆବଶ୍ୟକ ହେବନାହିଁ।

ଜରୁରୀକାଳୀନ ଗର୍ଭନିରୋଧକ ବଟିକା ଖାଇବା (ପିଲ୍) ଗର୍ଭସମାପ୍ତିକରିବା ସହିତ ସମାନ

| M | T | W | T | F | S | S |
|---|---|---|---|---|---|---|
| ○ | ○ | ○ | ○ | ○ | ○ | ○ |
| ○ | ○ | ○ | ○ | ○ | ○ | ○ |
| ○ | ○ | ○ | ○ | ○ | ○ | ○ |
| ○ | ○ | ○ | ○ | ○ | ○ | ○ |

ସତ୍ୟ।

ଗର୍ଭସମାପ୍ତି ହେଉଛି ଏକ ନିରାପଦ ଡାକ୍ତରୀ ଚିକିତ୍ସା ପଦ୍ଧତି । ଭବିଷ୍ୟତର ଗର୍ଭଧାରଣ ଏହାଦ୍ୱାରା ପ୍ରଭାବିତ ହୁଏନାହିଁ ଏବଂ ଏଥିରେ ମାତ୍ର ୧%ରୁ କମ୍ ମହିଳାଙ୍କଠାରେ ସଂକ୍ରମଣ ଦେଖାଦେଇଥାଏ ନହେଲେ ଅତ୍ୟଧିକ ରକ୍ତସ୍ରାବ ହୋଇଥାଏ ।

କୌଣସି ପ୍ରକାର ଗର୍ଭନିରୋଧକ ପଦ୍ଧତି (୧୦୦%) ଫଳପ୍ରଦ ନୁହେଁ । ଗର୍ଭନିରୋଧକ ପଦ୍ଧତିରେ ମଧ ବିଫଳତା ରହିଛି । କଣ୍ଡୋମ ଫାଟିଯାଇପାରେ ! କେହି କେହି ମଧ ଗର୍ଭନିରୋଧକ ବଟିକା ଖାଇବାପାଇଁ ଭୂଲିଯାଇପାରନ୍ତି । ଗର୍ଭସମାପ୍ତି ଏକ ସର୍ବକାଳୀନ ବ୍ୟାପକ ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆବଶ୍ୟକୀୟ ବ୍ୟବସ୍ଥା

ଜରୁରୀକାଳୀନ ଗର୍ଭନିରୋଧକ ବଟିକା (EC) ଯାହାକି ଆସନ୍ତା ସକାଳର ବଟିକା ବା ୭୨ ଘଣ୍ଟାର ବଟିକା ବୋଲି ମଧ ଜଣାଶୁଣା । ତାହା ଗର୍ଭଧାରଣକୁ ପ୍ରତିରୋଧ କରିଥାଏ । ତାକୁ ସମାପ୍ତ କରିପାରେ ନାହିଁ । ଗର୍ଭଧାରଣ ହେବା ପରେ ହିଁ ଗର୍ଭସମାପ୍ତି କରାଯାଇଥାଏ ।

# ଭ୍ରାନ୍ତଧାରଣା (ମିଥ୍) : ସାମାଜିକ ବିଗ୍ରର

**ମିଥ୍**

ଯୁବକମାନଙ୍କୁ ଯୌନତା ଏବଂ ଗର୍ଭସମାପ୍ତି ସମ୍ବନ୍ଧରେ ସୂଚନା ଦେବା ଦ୍ୱାରା ସେମାନଙ୍କୁ ଯୌନ ସମ୍ପର୍କ ରଖିବାକୁ ତଥା ବ୍ୟଭିଗ୍ରରରେ ଲିପ୍ତ ରହିବା ପାଇଁ ଉତ୍ସାହିତ କରିଥାଏ ।

**ସତ୍ୟତା**

ବ୍ୟାପକଭାବେ ପ୍ରଭାବଶାଳି ଯୌନସ୍ୱାସ୍ଥ୍ୟ ଶିକ୍ଷା ଦେବା ସହିତ ଗର୍ଭନିରୋଧ ଏବଂ ଗର୍ଭସମାପ୍ତି ବିଷୟରେ ତଥ୍ୟଭିତ୍ତିକ ସୂଚନା ଦେବାଦ୍ୱାରା ଯୁବପିଢ଼ି ଏ ଦିଗରେ ଉତ୍ସାହିତ ହେବା ସହିତ ବଳିଷ୍ଠ ବିଗ୍ରର ସମ୍ପର୍ଣ୍ଣ ହୋଇଥାନ୍ତି ବୋଲି ବିଭିନ୍ନ ଅଧ୍ୟୟନରେ ସ୍ପଷ୍ଟ ହୋଇଛି । ଏହା ସେମାନଙ୍କୁ ଯୌନ ସମ୍ପର୍କ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଠିକ୍ ନିଷ୍ପତି ନେବାରେ ସାହାଯ୍ୟ କରେ ବୋଲି ଏହି ଅଧ୍ୟୟନରୁ ଜଣାପଡିଛି । ଏହା ସେମାନଙ୍କୁ ସୁରକ୍ଷିତ ଯୌନ ସମ୍ପର୍କ ରକ୍ଷା ଅଭ୍ୟାସ କରିବା ସହ ଉନ୍ନତମାନର ଗର୍ଭ ନିରୋଧକ ବ୍ୟବହାର କରିବାପାଇଁ ସକ୍ଷମ କରିଥାଏ ।

---

ଭାରତର ଅଧିକାଂଶ ମହିଳାଙ୍କର ଗର୍ଭସମାପ୍ତି ଲିଙ୍ଗ ନିରୂପଣ କାରଣରୁ ଘଟିଥାଏ ।

ଭ୍ରୂଣର ଲିଙ୍ଗ ଦ୍ୱିତୀୟ ତ୍ରୈମାସିକ ପରେ ଜଣାପଡିଥାଏ କିନ୍ତୁ ସର୍ବାଧିକ ଗର୍ଭସମାପ୍ତି ପ୍ରଥମ ତ୍ରୈମାସିକ ହୋଇଥାଏ ।

---

ଯେଉଁ ସ୍ତ୍ରୀ ଲୋକମାନେ ଗର୍ଭସମାପ୍ତି କରନ୍ତି ସେମାନେ ଅନୁତାପ କରିଥାନ୍ତି ।

୯୫% ମହିଳା ଯେଉଁମାନେ ଗର୍ଭସମାପ୍ତି କରିଛନ୍ତି, ସେମାନେ ନିଜର ଏହି ନିଷ୍ପତ୍ତିକୁ ଉଚିତ ପଦକ୍ଷେପ ବୋଲି ଅନୁଭବ କରିଥାନ୍ତି । ଗର୍ଭସମାପ୍ତି ପରେ ମହିଳାମାନେ ସେପରି ଅଧିକ କିଛି ହତାଶାବୋଧ ମନେ କରିଥିବା ଦେଖାଯାଏ ନାହିଁ କିମ୍ବା ସେମିତି କିଛି ବୈଜ୍ଞାନିକ ପ୍ରମାଣ ମିଳିନାହିଁ ଯେ, ଗର୍ଭସମାପ୍ତି କରିଥିବା ମହିଳାମାନେ ପୂର୍ଣ୍ଣ ଗର୍ଭଧାରଣ କ୍ଷମତା ହରାଇ ବସିଥାନ୍ତି କିମ୍ବା ସ୍ତନ କର୍କଟରେ ପିଡୀତ ହୋଇଥାନ୍ତି ।

---


References:
1 Say et al., "Global causes of maternal death: a WHO systematic analysis", Lancet Global Health, 2014
2 "Report on Medical Certification of Cause of Death", Registrar General of India, 2014

**ମିଥ**

ଗର୍ଭସମାପ୍ତି ଦ୍ୱାରା ଏକ ଜନ୍ମ ନେବାକୁ ଥିବା ଶିଶୁକୁ ମାରି ଦିଆଯାଇଥାଏ ଏବଂ ଏହା ଅନୈତିକ

**ତଥ୍ୟ**

ଗର୍ଭଧାରଣର ପ୍ରାରମ୍ଭିକ ପର୍ଯ୍ୟାୟରେ ଭ୍ରୂଣଟି ମାତୃଗର୍ଭ ଛାଡି ବାହାରେ କେଉଁଠି ବି ନିଜେ ବଞ୍ଚିପାରିବ ନାହିଁ । ଏହା ସତ୍ତ୍ୱେ ଏହି 'ହତ୍ୟା' ଶବ୍ଦ ବ୍ୟବହାର କରି ଗର୍ଭସମାପ୍ତିକୁ ବର୍ଣ୍ଣନା କରି ଭ୍ରୂଣକୁ ଏକ ବ୍ୟକ୍ତି ସହିତ ସମୀକରଣ କରିବା ତ୍ରୁଟିପୂର୍ଣ୍ଣ ।



PREGNANT • PUBLIC FACILITIES
SURGERY • HOSPITALS • DOCTORS
PRESCRIPTION MEDICINE • BARRIERS
O BSTETRICIAN-GYNECOLOGISTS
BARRIERS • LAW  PREGNANT PUBLIC
FACILITIES • SURGERY HOSPITALS
• DOCTORS • BARRIERS SURGERY •
HOSPITAL  DOCTORS OBSTETRICIAN-
GYNECOLOGISTS PRESCRIPTION •
SURGERY HOSPITALS

# ଗର୍ଭସମାପ୍ତି + ସେବା

PUBLIC FACILITIES •
LAW PRESCRIPTION MEDICINE
• PREGNANT OBSTETRICIAN-
GYNECOLOGISTS BARRIERS • LAW
SURGERY • PUBLICFACILITIES •
HOSPITALS • DOCTORS BARRIERS •
PRESCRIPTION • LAW MEDICINE •
SURGERY • FACILITIES PREGNANT
• PUBLIC FACILITIES SURGERY •
HOSPITALS • DOCTORS PRESCRIPTION
MEDICINE SURGERY • FACILITIES
PREGNANT • PUBLIC FACILITIES

ଗର୍ଭସମାପ୍ତି + ସେବା - ୧୦୧

## କିଏ ?

ଜଣେ ମହିଳା ଯିଏ ଶାରିରୀକ କିମ୍ବା ମାନସିକ ଅସୁସ୍ଥତାରୁ, ବଳାତ୍କାର କିମ୍ବା ଅନୈତିକ ସମ୍ପର୍କରୁ, ରୁଗ୍ଣ ଭ୍ରୂଣ ହେତୁ କିମ୍ବା ଗର୍ଭନିରୋଧକ ବିଫଳତା କାରଣରୁ ଗର୍ଭସମାପ୍ତି କରିଦେବାକୁ ଇଚ୍ଛା କରେ ।

୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳା ନିଜର ଗର୍ଭସମାପ୍ତି ପାଇଁ ତାଙ୍କର ସ୍ୱାମୀ/ସାଥୀ/ପିତାମାତାଙ୍କର ସହମତି ନେବା ଆବଶ୍ୟକ ନାହିଁ । ୧୮ ବର୍ଷରୁ କମ୍ ବୟସର ଝିଅ ମାନଙ୍କ ପାଇଁ ପିତାମାତା / ଅଭିଭାବଙ୍କର ସହମତି ଦରକାର ପଡିଥାଏ ।

## କିପରି ?

ଡାକ୍ତରୀ ଏବଂ ଶଲ୍ୟ ଚିକିତ୍ସା (ଅସ୍ତ୍ରୋପଚାର) ମାଧ୍ୟମରେ

## କେଉଁଠାରେ ?

ସରକାରୀ ଡାକ୍ତରଖାନା ଯେଉଁଠି ସ୍ୱିକୃତୀପ୍ରାପ୍ତ ସେବା ପ୍ରଦାନକାରୀ ଥିବେ ଯଥା -ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର, ଏପରିକି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସବୁ ଯାହାର ପଞ୍ଜିକୃତ ପ୍ରମାଣ ପତ୍ର ଥିବ ତଥା ପ୍ରଶିକ୍ଷିତ ସେବା ପ୍ରଦାନକାରୀ ଥିବେ ଏବଂ ଏଥିପାଇଁ ଆବଶ୍ୟକ ସରଞ୍ଜାମମାନ ଉପଲବ୍ଧ ଥିବ, ପଞ୍ଜିକୃତ ବେସରକାରୀ ସଂସ୍ଥା ଯେଉଁଠାରେ ସ୍ୱୀକୃତି ପ୍ରାପ୍ତ ସେବା ପ୍ରଦାନକାରୀ ଏବଂ ଉପଯୁକ୍ତ ସୁବିଧା ସୁଯୋଗ ଥିବ ।

## କେତେବେଳେ ?

### ୨୪ ସପ୍ତାହ ମଧ୍ୟରେ

ଜଣେ ମହିଳା ଗର୍ଭଧାରଣ କରିବାର ୨୦ ସପ୍ତାହ ମଧ୍ୟରେ ଜଣେ ଡାକ୍ତରଙ୍କର ପରାମର୍ଶ ରେ ଗର୍ଭସମାପ୍ତି କରିପାରିବେ । ଗର୍ଭଧାରଣ ଯଦି ୨୦-୨୪ ସପ୍ତାହ ମଧ୍ୟରେ ହୋଇଥାଏ ତେବେ ଗର୍ଭସମାପ୍ତି ପାଇଁ ପ୍ରଥମ ଡାକ୍ତରଙ୍କ ସହିତ ଆଉ ଜଣେ ଡାକ୍ତରଙ୍କର ସହମତି ଆବଶ୍ୟକ ।

# ଗର୍ଭସମାପ୍ତି କରିବାର ସବୁଠାରୁ ନିରାପଦ ଉପାୟମାନ ।

**< 9**

**ନଅ ସପ୍ତାହ**

## : ଡାକ୍ତରୀ ଗର୍ଭସମାପ୍ତି

ଡାକ୍ତରୀ ଗର୍ଭସମାପ୍ତିରେ ଔଷଧ ଚିକିତ୍ସା ମାଧ୍ୟମରେ ଦୁଇ କିମ୍ବା ଅଧିକ ଦିନ ପାଇଁ ନିର୍ଦ୍ଧାରିତ ଧାରାରେ ଔଷଧ ଖାଇବାକୁ ଦିଆଯାଇ ଗର୍ଭସ୍ଥ ଭ୍ରୁଣକୁ ନଷ୍ଟ କରି ଦିଆଯାଇଥାଏ ।

## : ଅସ୍ତ୍ରୋପଚାର ମାଧ୍ୟମରେ ଗର୍ଭସମାପ୍ତି

**7-15**

**ସାତ - ପନ୍ଦର ସପ୍ତାହ**

ଏହି ପ୍ରକ୍ରିୟାରେ ଗର୍ଭସମାପ୍ତି କରୁଥିବା ମହିଳାମାନଙ୍କର ସାଧାରଣ ଭାବରେ ନିର୍ଦ୍ଦିଷ୍ଟ ଅଙ୍ଗକୁ ବଧିରା କରାଯାଇଥାଏ ଏବଂ ଏଥିପାଇଁ ଗୋଟିଏ ଦିନ ଆବଶ୍ୟକ ହୋଇଥାଏ । ତାଙ୍କୁ ଶୂନ୍ୟ ଆକାଂକ୍ଷା ଅଥବା ଶୋଷଣ ପଦ୍ଧତି ପ୍ରୟୋଗ କରାଯାଏ ଯାହା ଫଳରେ ଏକ ଶୋଷଣ ଉପକରଣ ମାଧ୍ୟମରେ ତାଙ୍କର ଗର୍ଭାଶୟରୁ ସମସ୍ତ ଉପାଦାନଗୁଡ଼ିକୁ ଖାଲି କରିଦିଆଯାଏ । ଏହି ପଦ୍ଧତିଟି ଅନ୍ୟ ଅସ୍ତ୍ରୋପଚାର ଚିକିତ୍ସା ତୁଳନାରେ ନିରାପଦ ।

**>15**

**ପନ୍ଦର ସପ୍ତାହରୁ ଅଧିକ**

ଯଦି ମହିଳାମାନଙ୍କର ଗର୍ଭ ୧୫ ସପ୍ତାହର ଅଧିକ ହୋଇଥିବ, ତାଙ୍କର ଜରାୟୁକୁ ପ୍ରସାରିତ କରି ସେଥିରୁ ସବୁକିଛି ନିଷ୍କାସିତ କରାଯାଏ । ଏହି ପ୍ରକ୍ରିୟାରେ ଡାକ୍ତର ଗୋଟିଏ ସିନ୍ଥେଟିକ୍ ଡାଇଲେଟର (ପ୍ରସାରକ) ଗର୍ଭାଶୟର ଗ୍ରୀବା ଭିତରେ ସ୍ଥାନିତ କରି ତା' ମଧ୍ୟରୁ ସମସ୍ତ କୋଷ (ଟିସୁକୁ) ବାହାର କରିବେ ।


| | |
|---|---|
| ଭ୍ରାନ୍ତ ଧାରଣା (ମିଥ୍) ବାସ୍ତବତା | ଗର୍ଭସମାପ୍ତି ନିଃସନ୍ତାନତା ତଥା ସ୍ତନ କର୍କଟର କାରଣ ହୋଇଥାଏ । |
| ବାସ୍ତବତା | ଗର୍ଭସମାପ୍ତି ସହିତ ଏହାର କୌଣସି ସମ୍ବନ୍ଧ ଥିବାର ପ୍ରମାଣ ନାହିଁ । |

---

| | |
|---|---|
| ଭ୍ରାନ୍ତ ଧାରଣା (ମିଥ୍) ବାସ୍ତବତା | ଗର୍ଭସମାପ୍ତି ଭାବ ପ୍ରବଣତା ଜନିତ ସମସ୍ୟାମାନ ସୃଷ୍ଟି କରିଥାଏ ବା ଗର୍ଭସମାପ୍ତି ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ଲକ୍ଷଣ ଦେଖାଦେଇଥାଏ । |
| ବାସ୍ତବତା | ତଥ୍ୟ ପ୍ରମାଣ କୁହେ ଯେ ଯେଉଁ ମହିଳାମାନେ ଅନୁଭବ କରନ୍ତି ଯେ, ସେମାନେ ସ୍ୱାଧୀନଭାବେ ଏବଂ ସୂଚନାପୂର୍ଣ୍ଣ ଭାବେ ନିଷ୍ପତି ନେଇଛନ୍ତି ସେମାନେ କେବେ ସେଭଳି ଭାବପ୍ରବଣତା ଜନିତ ଦୁଃଖ କିମ୍ବା ମାନସିକ ଆଘାତ ଅନୁଭବ କରନ୍ତି ନାହିଁ । |

---

| | |
|---|---|
| ଭ୍ରାନ୍ତ ଧାରଣା | ଡାକ୍ତରୀ ପ୍ରକ୍ରିୟାରେ ଗର୍ଭସମାପ୍ତି ଅତ୍ୟନ୍ତ ଯନ୍ତ୍ରଣାଦାୟକ ଅଟେ । |
| ବାସ୍ତବତା : | ଗର୍ଭସମାପ୍ତି ସମୟରେ ସାଧାରଣତଃ ରକ୍ତସ୍ରାବ ଏବଂ କଷ୍ଟ ହୋଇଥାଏ । ତେଣୁ ଯନ୍ତ୍ରଣା ଉପଶମକାରୀ ଔଷଧ ନେବାକୁ ପରାମର୍ଶ ଦିଆଯାଇଥାଏ । |



ଭାରତ ରେ ଗର୍ଭସମାପ୍ତି କରିବା
ନିରାପଦ ଏବଂ ଆଇନଗତ ତଥା
ଚିକିତ୍ସା କ୍ଷେତ୍ରରେ ଏକ ନିୟମିତ
ବ୍ୟବହୃତ ପ୍ରକ୍ରିୟା । କିନ୍ତୁ ଏହା
ଗୁରୁତ୍ୱପୂର୍ଣ୍ଣ ଯେ, ପେଷାଦାର
ଚିକିତ୍ସକଙ୍କ ତତ୍ତ୍ୱାବଧାନ ବିନା
କିଛି କରିବା ଠିକ୍ ନୁହେଁ ।

# ଗର୍ଭସମାପ୍ତି ବ୍ୟବସ୍ଥା[୧]

## ଗର୍ଭସମାପ୍ତି ବ୍ୟବସ୍ଥା

କେବଳ ପ୍ରସୂତୀ ବିଶେଷଜ୍ଞ, ସ୍ତ୍ରୀ ରୋଗ ବିଶେଷଜ୍ଞ, ଅନ୍ୟ ଏଲୋପାଥିକ୍ ଡାକ୍ତର ଯେଉଁମାନେ ଭେଷଜ ସ୍ନାତକ, ଶଲ୍ୟ ଚିକିତ୍ସା ବିଦ୍ୟାରେ ସ୍ନାତକ ହାସଲ କରିଥିବେ । ସରକାରୀ - ସ୍ୱୀକୃତି ପ୍ରାପ୍ତ ପ୍ରଶିକ୍ଷଣ ନେଇଥିବେ ଏବଂ ପ୍ରମାଣପତ୍ର ପାଇଥିବେ । ସେଇମାନେ ଆଇନତଃ ଗର୍ଭସମାପ୍ତି କରିପାରିବେ ।

## ସରକାରୀ ଅନୁଷ୍ଠାନ

ପ୍ରଶିକ୍ଷିତ ପ୍ରମାଣପତ୍ରପ୍ରାପ୍ତ ସେବାପ୍ରଦାନକାରୀ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର

## ବେସରକାରୀ ଅନୁଷ୍ଠାନ

ସରକାରଙ୍କ ଦ୍ୱାରା ସ୍ୱୀକୃତ ଗର୍ଭସମାପ୍ତି ପାଇଁ ନିର୍ଦ୍ଧାରିତ ମାନଦଣ୍ଡରେ ଭିତ୍ତିଭୂମି ଏବଂ ମାନବ ସମ୍ବଳଥିବା ଅନୁଷ୍ଠାନ ଯେଉଁ ଗୁଡ଼ିକ ଗର୍ଭସମାପ୍ତି ସେବାପାଇଁ ପଞ୍ଜିକୃତ ହୋଇ ପ୍ରମାଣ ପତ୍ର ପାଇଥିବେ ।

## ଡାକ୍ତରୀ ପଦ୍ଧତିରେ ଗର୍ଭ ନିରୋଧକ (ଏମ୍.ଟି.ପି) ଆଇନ ୧୯୭୧)

ଏହି ଆଇନ୍ ଅନୁସାରେ ବର୍ତ୍ତମାନ ଜଣେ ସ୍ତ୍ରୀ ଲୋକର ଜୀବନ ବଞ୍ଚାଇବା ପାଇଁ ଗର୍ଭସମାପ୍ତିର ଅନୁମତି ଦିଆଯାଇଛି । ତାଙ୍କର ଶାରିରୀକ ତଥା ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ବଳାତ୍କାର ଜନିତ ବା ଅନୈତିକ ସମ୍ପର୍କ କାରଣରୁ କିମ୍ବା ଗର୍ଭନିରୋଧକ ବିଫଳତା କାରଣରୁ ଗର୍ଭସମାପ୍ତିକୁ ବର୍ତ୍ତମାନର ଆଇନ୍‌ରେ ପ୍ରାଧାନ୍ୟ ଦିଆଯାଇଛି ।[୨]

୨୦୦୩ରେ ଏମ.ଟି.ପି ଆଇନରେ ସଂଶୋଧନ କରାଯାଇ ପ୍ରମାଣପ୍ରାପ୍ତ ପଞ୍ଜିକୃତ ଚିକିତ୍ସା ପ୍ରଦାନକାରୀଙ୍କୁ ପଞ୍ଜିକୃତ ବାହାରେ ଥିବା ସଂସ୍ଥା ଗର୍ଭସମାପ୍ତିର ଡାକ୍ତରୀ ଚିକିତ୍ସା ଏବଂ ଔଷଧ ଲେଖିବାପାଇଁ ଅନୁମତି କରିଛି ଯେପର୍ଯ୍ୟନ୍ତ ଜରୁରୀକାଳିନ ସହାୟତା ସେମାନଙ୍କ ପାଖରେ ଉପଲବ୍ଧ ।[୩]

ନିରାପଦ ଗର୍ଭସମାପ୍ତି ସେବାକୁ ତ୍ୱରାନ୍ୱିତ କରିବା ପାଇଁ ୨୦୦୨ରେ ଭାରତ ସରକାର ଗର୍ଭସମାପ୍ତିକୁ ଶୀଘ୍ର କରାଇବା ପାଇଁ ଦୁଇଟି ଡାକ୍ତରୀ ଔଷଧ (ମିଫେପ୍ରିଷ୍ଟୋନ' ସହିତ ମିସୋପ୍ରୋଷ୍ଟଲ) କୁ ସ୍ୱୀକୃତି ପ୍ରଦାନ କରିଛନ୍ତି ।[୪ ୫]

୨୦୧୦ରେ ପ୍ରକାଶିତ ଜାତୀୟ ବ୍ୟାପକ ଗର୍ଭସମାପ୍ତି ଯତ୍ନ ମାର୍ଗଦର୍ଶିକାରେ ସୂଚିତ କରାଯାଇଛି ଯେ, ଡାକ୍ତରୀ ଚିକିତ୍ସା ମାଧ୍ୟମରେ ହେଉଥିବା ଗର୍ଭସମାପ୍ତି ଯାହା ମିଫେପ୍ରିଷ୍ଟୋନ ଏବଂ ମିସୋପ୍ରୋଷ୍ଟାଲ ପଦ୍ଧତିରେ ହୋଇଥାଏ ତାହା ଗର୍ଭଧାରଣର ୬୩ଦିନ ମଧ୍ୟରେ କରାଯାଇପାରେ । ଏହି ପରିବର୍ତ୍ତନ ଏମ. ଟି. ପି ସଂଶୋଧିତ ଆଇନ ୨୦୨୧ରେ ପ୍ରତିଫଳିତ ହୋଇଛି ।[୬]

1 Creanga, Andreea A., et al., edited by Ganesh Dangal, “Changes in Abortion Service Provision in Bihar and Jharkhand States, India between 2004 and 2013”, PLoS ONE 13.6, 2018
2 The Medical Termination of Pregnancy Act 1971 (Act No. 34 of 1971), Government of India, 1971
3 The Medical Termination of Pregnancy Rules: Amendment, Ministry of Health and Family Welfare, Government of India, New Delhi, India, 2003
4 Stillman M. et al. “Abortion in India: A Literature Review”, Guttmacher Institute, New York, 2014
5 The Medical Termination of Pregnancy Rules: Amendment, Ministry of Health and Family Welfare, Government of India, New Delhi, India, 2003
6 Acharya R. and Kalyanwala S., “Knowledge, attitudes, and practices of certified providers of medical abortion: Evidence from Bihar and Maharashtra, India”, International Journal of Gynaecology & Obstetrics. 118 Suppl., 1: S40–6, Wiley, September 2012

ସହଜ ହୋଇନାହିଁ ଗର୍ଭସମାପ୍ତିକୁ ନେଇ ସମାଜରେ ଯେଉଁ ଅପବାଦ ରହିଛି ସେଥିପାଇଁ ଏହି ସଂକ୍ରାନ୍ତରେ ବାର୍ତ୍ତାଳାପ ପାଇଁ ସାମାଜିକ ତଥା ରାଜନୈତିକ ଇଚ୍ଛା ଶକ୍ତିର ଅଭାବ

ବିଶେଷ କରି ଗ୍ରାମାଞ୍ଚଳରେ ନିରାପଦ **ଗର୍ଭସମାପ୍ତି** ସେବା ମିଳିବା

## ଭାରତରେ ନିରାପଦ ଗର୍ଭସମାପ୍ତି ପାଇଁ ଥିବା ପ୍ରତିବନ୍ଧକସବୁ ।

ଲୋକମାନଙ୍କ ମଧ୍ୟରେ ଗର୍ଭସମାପ୍ତିକୁ ନେଇ ଆଇନଗତ ସଚେତନା କମ୍ ରହିଛି ।

ଭାରତ ସରକାରଙ୍କ ଦ୍ୱାରା ଉପଲବ୍ଧ ତଥ୍ୟ ଆଧାରରେ ଏମ୍.ଟି.ପି ଆକ୍ଟ (MTP-ACT) ଅନୁଯାୟୀ ବାର୍ଷିକ କେବଳ ୧ନିୟୁତ ଗର୍ଭସମାପ୍ତି କରାଯାଉଥିବା ବେଳେ ଆଇନ ପରିସର ବାହାରେ ଏହି ସଂଖ୍ୟା ୨-୬ ନିୟୁତ ପର୍ଯ୍ୟନ୍ତ ହୋଇଥାଏ ।

7 The Medical Termination of Pregnancy Rules: Amendment, Ministry of Health and Family Welfare, Government of India, New Delhi, India, 2003

TWITTER • INSTAGRAM • CAPACITY
FACEBOOK • PURPOSE • AUDIENCE
INFLUENCERS • CONTENT • RESOURCES
CAPACITY • CAMPAIGNS • DATA
ENDORSEMENT • NARRATIVE • SHARE
GLOBAL • ENGAGEMENT • TWITTER
INSTAGRAM • FACEBOOK • PURPOSE
AUDIENCE • CONTENT • INFLUENCERS
DATA • CAMPAIGNS • RESOURCES
INFLUENCERS • ENGAGEMENT •
NARRATIVE • CAPACITY • ଗର୍ଭସମାପ୍ତି
GLOBAL • RESOURCES • + ସାମାଜିକ ଗଣମାଧ୍ୟମ
FACEBOOK • SHARE • PURPOSE
AUDIENCE • CONTENT • INFLUENCERS
DATA • CAMPAIGNS • RESOURCES
ENDORSEMENT • ENGAGEMENT
GLOBAL • CAPACITY • TWITTER
FACEBOOK • CAMPAIGNS • SHARE
TWITTER • INSTAGRAM • CAPACITY
FACEBOOK • PURPOSE • AUDIENCE
INFLUENCERS • CONTENT • RESOURCES
CAPACITY • CAMPAIGNS • DATA
ENDORSEMENT • NARRATIVE • SHARE

# ସାମାଜିକ ଗଣମାଧ୍ୟମ ଚ୍ୟାନେଲ

ଦର୍ଶକମାନଙ୍କ ପାଖରେ ପହଞ୍ଚିବା ତଥା ସେମାନଙ୍କୁ ଏଥିରେ ଯୋଡିରଖିବା ସହିତ ପ୍ରସଙ୍ଗ ଗୁଡ଼ିକୁ ଆଖିଦୃଶିଆ ଭାବେ ଦେଖାଇ ଚାଲିବାର ଏକ ମାଧ୍ୟମ

ଦୃଶ୍ୟ ମାଧ୍ୟମରେ କାହାଣୀ, ପ୍ରଚାର ଅଭିଯାନ ଏବଂ ପ୍ରତିଯୋଗିତା ଆୟୋଜନ ପାଇଁ ଉତ୍ତମ ମାଧ୍ୟମ



# ସାମାଜିକ ଗଣମାଧ୍ୟମକୁ ବ୍ୟବହାର କର କେବଳ ଯଦି

୧. ଏହା ତୁମର ଉଦ୍ଦେଶ୍ୟ ପୂରଣ କରୁଥିବ । ସମସ୍ତେ ବ୍ୟବହାର କରୁଛନ୍ତି ଭାବି କରନାହିଁ । ପ୍ରଥମେ ଚିନ୍ତାକର ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ତୁମେ କଣ ହାସଲ କରିବାକୁ ଚାହୁଁଛ । ଏବଂ ତାକୁ ନେଇ ଏକ ଯୋଜନା କର ।

୨. ଆପଣଙ୍କର ଦର୍ଶକ ଆପଣଙ୍କର ପସନ୍ଦର ସାମାଜିକ ଗଣମାଧ୍ୟମ ଚ୍ୟାନେଲକୁ ବ୍ୟବହାର କରୁଛନ୍ତି । ଉଦାହରଣ ସ୍ୱରୂପ- ଯଦି ଆପଣ ନିରାପଦ ଗର୍ଭସମାପ୍ତି ସମ୍ପର୍କରେ ସଚେତନା ସୃଷ୍ଟି କରିବାକୁ ଚାହୁଁଛ ଏବଂ ଆପଣଙ୍କର ଫେସବୁକ ପେଜ ଅଛି ତାହାଲେ ଏକ ଭଲ ବିକଳ୍ପ ଫେସ୍‌ବୁକ୍ ମାଧ୍ୟମରେ ସାଧାରଣ ଜନତାଙ୍କ ପାଖରେ ସହଜରେ ପହଞ୍ଚି ହେବ । କିନ୍ତୁ ଯଦି ନିରାପଦ ଗର୍ଭସମାପ୍ତି ସେବାରେ ଉନ୍ନତ କରିବାକୁ ଚାହୁଁଛନ୍ତି ତେବେ ଆପଣ ସ୍ଥାନୀୟ ସରକାରୀ କର୍ମଚାରୀଙ୍କ ସହିତ ସାକ୍ଷାତକାର ମାଧ୍ୟମରେ ଆଲୋଚନା କଲେ ଏହା ଅଧିକ ଫଳପ୍ରଦ ହୋଇପାରେ ।

୩. ଆପଣଙ୍କର ପାଖରେ ସାମାଜିକ ଗଣମାଧ୍ୟମରେ ଖବର ଗୁଡ଼ିକୁ ନିରନ୍ତର ପଠାଇବା ପାଇଁ ସମ୍ବଳ ତଥା ସାମର୍ଥ୍ୟ ଥିବା ଆବଶ୍ୟକ । ତା'ସହିତ ଏମିତି ସାମାଜିକ ଗଣମାଧ୍ୟମ ବାଛ ଯାହା ସବୁଠାରୁ ଅଧିକ ପ୍ରଭାବଶାଳୀ ଚ୍ୟାନେଲ ହୋଇଥିବ । ତେଣୁ ଏକାଧିକ ଚ୍ୟାନେଲରେ ଏବଂ ବହୁଳ ଭାବେ ପ୍ରସାରିତ କରି ଏହାର ଗୁରୁତ୍ୱକୁ କମାଇଦେବାଠାରୁ ଅଧିକ ଫଳପ୍ରଦ ହେବ ।

ସାମାଜିକ ଗଣମାଧ୍ୟମ ଦ୍ୱାରା ଆପଣ କଣ କରିପାରିବେ ?

- ଅଭିଯାନ ଚଳାଇ ପାରିବେ ।
- ବିବରଣୀ ଗୁଡ଼ିକୁ ବାଣ୍ଟିବା / ପୁନଃ ପୋଷ୍ଟ କରିବା ।
- ପ୍ରଭାବଶାଳୀ ତଥା ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କ ସମର୍ଥନ ହାସଲ କରିବା ।
- ତଥ୍ୟ ଗୁଡିକୁ ସୃଜନାତ୍ମକ ଭାବେ ପ୍ରସ୍ତୁତ କରିପାରିବେ
- ବ୍ୟକ୍ତିଗତ ଅନୁଭବକୁ ବାଣ୍ଟି ପାରିବେ ।
- ପ୍ରମୁଖ ବିଶ୍ୱସ୍ତରୀୟ ଘଟଣାବଳୀକୁ ପାଳନ କରିବା ।




## ଅଭିଯାନ ଚଳାଇବା :

ଯୌନ ଏବଂ ପ୍ରଜନନ ଅଧିକାର ଓ ନିରାପଦ ଗର୍ଭସମାପ୍ତି ବାର୍ତ୍ତା ଅଧିକ ଦର୍ଶକଙ୍କ ପାଖରେ ପହଞ୍ଚାଇବା ଏବଂ ସେମାନଙ୍କ ସହିତ ବାର୍ତ୍ତାଳାପ ସ୍ୱଳ୍ପଖର୍ଚ୍ଚରେ କରିବାପାଇଁ ଅନଲାଇନ ମାଧ୍ୟମରେ ଅଭିଯାନ ହେଉଛି ଏକ ପ୍ରଭାବଶାଳୀ ମାର୍ଗ । #AbortStigma and # SuspendJudgement ଏପରି କିଛି ଅଭିଯାନର ଉଦାହରଣ ଯାହାର ଲକ୍ଷ୍ୟ ହେଉଛି ସଚେତନତାକୁ ଠିକ୍‌ରେ ଚଳାଇନେବା । ଯାହାର ଉଦ୍ଦେଶ୍ୟ ପରିକଳ୍ପିତ ଚିନ୍ତାଧାରା ଏବଂ ଭ୍ରାନ୍ତଧାରଣାକୁ ମୁକାବିଲା କରିବା ଏବଂ ନିରାପଦ ଗର୍ଭସମାପ୍ତି ସହିତ ଜଡ଼ିତ ପ୍ରସଙ୍ଗ ଗୁଡ଼ିକ ଯଥା ଅସମ ଯୌନାଗ୍ରହ, ଲିଙ୍ଗ ବିଗ୍ରହ ତଥା ଅଧିକାର ପରି ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା । CREA ଅନୁଷ୍ଠାନର ଡିଜିଟାଲ ଅଭିଯାନର ଆନୁସଙ୍ଗିକ ତଥ୍ୟ ଲିଙ୍କ ତଳେ ଦିଆଯାଇଛି । (httpllwww. creaworld.org/aborthestigma)

## ପ୍ରଭାବଶାଳୀ ଏବଂ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଦ୍ୱାରା ଅନୁମୋଦନ କରିବା ।

ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ସ୍ୱର ପ୍ରଜନନ ନ୍ୟାୟ ଦିଗରେ ଏକ ବିଶ୍ୱସନୀୟ ଉପାୟ ଯାହାର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ଅଟେ । ଯେଉଁମାନଙ୍କ ମତର ଗୁରୁତ୍ୱ ରହିଛି ତୁମର ଆଡ଼ଭୋକେସି କାର୍ଯ୍ୟକ୍ରମରେ ସେମାନଙ୍କର ମତାମତ ବହୁତ ଗୁରୁତ୍ୱପୂର୍ଣ୍ଣ । ଯଦି ସେମାନେ ଆପଣଙ୍କ ପ୍ରସଙ୍ଗକୁ ଉପସ୍ଥାପନ କଲେ ତେବେ ଆପଣଙ୍କ ଅଭିଯାନର ଶକ୍ତି ବହୁଗୁଣିତ ହେବ । ଏବଂ ବହୁଲୋକଙ୍କ ପାଖରେ ପହଞ୍ଚିପାରିବ । ଏବଂ ସେମାନଙ୍କୁ ଏହି ପ୍ରକ୍ରିୟା ସହିତ ଯୋଡି ରଖିବ । ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ତଥା ପ୍ରତିଷ୍ଠିତ (ସେଲିବ୍ରେଟି) ବ୍ୟକ୍ତିମାନଙ୍କ ସହ ଯୋଗସୂତ୍ର ରଖ । ତୁମର ଏହି ପଦକ୍ଷେପ ବିଷୟରେ ତାଙ୍କୁ ବୁଝାଇ କୁହ । ଥରେ ସେମାନେ ତୁମ ପଦକ୍ଷେପ ଗୁଡ଼ିକର ପ୍ରଚାରକ ହେବାକୁ ରାଜିହେଲେ ତାଙ୍କଠାରୁ ପ୍ରସଙ୍ଗ ସମ୍ବନ୍ଧିତ ବାଇଟସ୍ (ମତାମତ) ନିଅ ଯାହା ତୁମପାଇଁ ବିଶେଷ ଲାଭପ୍ରଦ ହେବ ।



“

ସାମାଜିକ ଗଣମାଧ୍ୟମ

ଯଦି ତୁମର ଉଦ୍ଦେଶ୍ୟକୁ

ସାଧନ କରୁଛି ବ୍ୟବହାର

କର । ସମସ୍ତେ ଏହାକୁ

ବ୍ୟବହାର କରୁଛନ୍ତି ବୋଲି

ତୁମେ ଏହାକୁ ବ୍ୟବହାର

କରନାହିଁ । କାରଣ ଅନେକ

ବ୍ୟକ୍ତି ଏଥିରେ ଯୋଡି

ହୋଇ ରହିଛନ୍ତି । ଚିନ୍ତାକର

ଏହା ମାଧ୍ୟମରେ ତୁମେ କଣ

ହାସଲ କରିବାକୁ ଚାହୁଁଛ ଏବଂ

ଯୋଜନାଟିଏ ତିଆରି କର ।

”

## ତଥ୍ୟ ଗୁଡ଼ିକର ସୃଜନାତ୍ମକ ପ୍ୟାକେଜ କରିବା

ତଥ୍ୟ ଏବଂ ସଂଖ୍ୟାକୁ ଆଧାର କରି ତଥା ଅନ୍ୟାନ୍ୟ ଡାଟା ସବୁକୁ ଏହିଭଳି ଏକ ପ୍ୟାକେଜରେ ରଖ ଯେଉଁଥିରେ ଆପଣ ଜାଣିଛନ୍ତିକି ? ଭଳି ଛୋଟ ଖବର ସହିତ **#DYK** ର ବ୍ୟବହାର କର ଯାହାଫଳରେ ତୁମର ପୋଷ୍ଟ ହାସଟ୍ୟାଗରେ ଯୋଡି ହୋଇଯିବ ଯାହାକି ବିଶ୍ୱବ୍ୟାପୀ ଦର୍ଶକଙ୍କ ପାଖରେ ବ୍ୟାପକ ଭାବରେ ଉପଲବ୍ଧ ହୋଇପାରିବ ।

ଏଥିପାଇଁ ତଥ୍ୟ ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବିଶ୍ୱସନୀୟ ସୂତ୍ରରୁ ମିଳୁଥିବା ତଥ୍ୟ ସଂଗ୍ରହ କରି ବ୍ୟବହାର କର ।




## ବ୍ୟକ୍ତିଗତ ଅନୁଭବ ଗୁଡ଼ିକୁ ଉପସ୍ଥାପନ କର

ଲୋକମାନଙ୍କୁ ପ୍ରସଙ୍ଗ ସହିତ ସହିତ ଯୋଡ଼ିବାକୁ ଏବଂ ଅନୁପ୍ରାଣିତ କରିବାକୁ ବ୍ୟକ୍ତିଗତ କାହାଣୀ ଗୁଡ଼ିକୁ ସହମତି ନେଇ ଉପସ୍ଥାପନା କର ।




## ସେୟାର / ପୁନଃ ପୋଷ୍ଟ କର ।

ପ୍ରସଙ୍ଗ ସହିତ ନିଜର ଐକତାନ ଏବଂ ସମର୍ଥନ ଦେଖାଇବା ପାଇଁ ତୁମେ ଲିଙ୍କ ତଥା ନୀତିନିୟମ ବିକାଶର ସଦ୍ୟତମ ସ୍ଥିତି ସହିତ ନିଜର ବିଗ୍ରରକୁ ଅନ୍ୟମାନଙ୍କ ସହ ବାଣ୍ଟିବ । ଏହି କ୍ଷେତ୍ରରେ ଅନେକ ପ୍ରମୁଖ ଅନୁଷ୍ଠାନମାନେ କାମ କରୁଛନ୍ତି ସେମାନଙ୍କର ସାମାଜିକ ଗଣମାଧ୍ୟମ ଟିମ ସବୁଅଛି  ନିଜର ଅଂଶୀଦାରମାନଙ୍କୁ ମନାଇବାପାଇଁ ସେମାନଙ୍କ ପୋଷ୍ଟ ଏବଂ ଭାଷାର ବ୍ୟବହାର ଏବଂ ପ୍ରସାର କର ।




**ପ୍ରମୁଖ ଆନ୍ତର୍ଜାତୀୟ ଦିବସ ପାଳନ ।**

ଏହି ପ୍ରସଙ୍ଗ ତଥା ଏଥି ସମ୍ପର୍କିତ ବିଷୟବସ୍ତୁ ବା ଘୋଷଣା ପତ୍ରକୁ ନେଇ ପାଳନ କରାଯାଉଥିବା ବା ଏହାର ସ୍ମରଣାର୍ଥେ ପାଳିତ ଦିବସଗୁଡ଼ିକର ଏକ ତାଲିକା କର । ସେହି ଦିବସ ଗୁଡ଼ିକ ଉପଲକ୍ଷେ ପ୍ରାସଙ୍ଗିକ ବିଷୟବସ୍ତୁ ପ୍ରସ୍ତୁତ କରି ପୋଷ୍ଟ କର । ଏହାକୁ ନିଜ ଗ୍ରୁପରେ ସେୟାର କର ଫଳତଃ ସେମାନେ ମଧ ସେମାନଙ୍କ ସାମାଜିକ ଗଣମାଧମରେ ଏହାକୁ ପାଇବେ ଏବଂ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ ।

## ୮ ମାର୍ଚ୍ଚ

ଆନ୍ତର୍ଜାତୀୟ ମହିଳା ଦିବସ ।

## ୧୭, ମେ

ଆନ୍ତର୍ଜାତୀୟ ସମଲିଙ୍ଗୀ, ବିଷମଲିଙ୍ଗୀ, ତଥା ଉଭୟଲିଙ୍ଗୀ ବିଦ୍ୱେଷ ବିରୋଧୀଦିବସ ।

## ୨୮, ମେ

ଆନ୍ତର୍ଜାତୀୟ ମହିଳା ସ୍ୱାସ୍ଥ୍ୟ ସମୃଦ୍ଧି ଦିବସ ।

## ୨, ଜୁନ୍

ଅନ୍ତର୍ଜାତୀୟ ଦେହଜୀବି ଦିବସ ।

## ୨୮, ସେପ୍ଟେମ୍ବର

ଆନ୍ତର୍ଜାତୀୟ ନିରାପଦ ଗର୍ଭସମାପ୍ତି ଦିବସ ।

## ୨୫, ନଭେମ୍ବର

ଆନ୍ତର୍ଜାତୀୟ ମହିଳା ହିଂସା ଉତ୍ପାଟନ ଦିବସ ।

# କଣ କରିବେ

ଆଗରୁ ଯୋଜନା କରନ୍ତୁ ଏବଂ ପ୍ରସଙ୍ଗ ଗୁଡ଼ିକୁ ଠିକ୍ ସମୟରେ ପୋଷ୍ଟ କରନ୍ତୁ । ଆଗରୁ ଚିନ୍ତା କରନ୍ତୁ ଏବଂ ଆପଣ ପୋଷ୍ଟ କରିବାକୁ ଚାହୁଁଥିବା ମାସିକ କାର୍ଯ୍ୟକ୍ରମର (ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଭିତ୍ତିକ) କ୍ୟାଲେଣ୍ଡର ପ୍ରସ୍ତୁତ କରନ୍ତୁ । ତିନିଦିନ ପୂର୍ବରୁ ଯାହା ପୋଷ୍ଟ କରିବାକୁ ଚାହୁଁଛନ୍ତି ସେଗୁଡ଼ିକର ଡ଼ିଜାଇନ କରି ପ୍ରସ୍ତୁତ କରି ରଖିଲେ ଆପଣ ଏହାକୁ ତୁମର ଅନୁଷ୍ଠାନ ଏବଂ ବ୍ୟାପକ ଗ୍ରୁପ ଭିତରେ ସେୟାର କରି ପାରିବେ । ଫଳତଃ ଏହା ତୁମର ପରିବ୍ୟାପ୍ତ ନେଟୱାର୍କ ଦେଇ ଅନେକ ଲୋକଙ୍କ ପାଖରେ ଏହି ବାର୍ତ୍ତାକୁ ପହଞ୍ଚାଇପାରିବେ ।

ସାମ୍ପ୍ରତିକ ବିକାଶଗୁଡ଼ିକ ସହିତ ସଂଶୋଧିତ ହୋଇଥିବା ଏମ୍.ଟି.ପି ଆକ୍ଟର ଲିଙ୍କ ଗୁଡ଼ିକୁ ମଧ୍ୟ ଗ୍ରୁପରେ ଛାଡନ୍ତୁ । ବ୍ଲଗ୍ ପୋଷ୍ଟ ଗୁଡ଼ିକ ତଥା ଯୌନତା ଏବଂ ପ୍ରଜନନ ଅଧିକାର ସମ୍ପର୍କିତ ତର୍କ ଆଲୋଚନାର ଲିଙ୍କ ଗୁଡ଼ିକୁ ମଧ୍ୟ ପଠାନ୍ତୁ । ଏହି ପ୍ରସଙ୍ଗ ଉପରେ ଅନୁଷ୍ଠିତ ହେଉଥିବା କର୍ମଶାଳା ତଥା ଅନ୍ୟାନ୍ୟ ସେହିଭଳି କାର୍ଯ୍ୟକ୍ରମ ସମ୍ପର୍କରେ ସଦ୍ୟତମ ଖବର ଲୋକମାନଙ୍କ ପାଖରେ ପହଞ୍ଚାନ୍ତୁ ।

ନିରାପଦ ଗର୍ଭସମାପ୍ତି ସମ୍ବନ୍ଧିତ ତଥ୍ୟ, ଜ୍ଞାନ କୌଶଳ ବିନିମୟ କଲାବେଳେ ଉପଯୁକ୍ତ ଶବ୍ଦ, ଦୃଶ୍ୟ ଗୁଡିକୁ ବ୍ୟବହାର କରିବା ସମୟରେ ଟୁଲ କିଟ୍ ର ମାର୍ଗଦର୍ଶିକାକୁ ଅନୁସରଣ କରନ୍ତୁ ।

ସହଭାଗୀ ଅନୁଷ୍ଠାନ ମାନଙ୍କର ପୋଷ୍ଟ ସେୟାର କରନ୍ତୁ ଏବଂ ସେମାନଙ୍କୁ ତୁମର ପୋଷ୍ଟ ଗୁଡ଼ିକୁ ଅନ୍ୟମାନଙ୍କୁ ସେୟାର ପାଇଁ ଶ୍ରଦ୍ଧା ପୂର୍ବକ ଅନୁରୋଧ କରନ୍ତୁ । ଏହା ବିଷୟବସ୍ତୁ ଉପରେ ବାର୍ତାଳାପର ସୁଯୋଗ ବଢାଇବା ସହିତ ଲୋକଙ୍କୁ ଯୋଡ଼ିବାରେ ସମର୍ଥ ହୁଏ ଏବଂ ପ୍ରସଙ୍ଗର ସମ୍ଭାବ୍ୟ ପରିସରକୁ ଦୃଢୀଭୂତ କରିଥାଏ ।

# କଣ କରିବେ ନାହିଁ

ଏକ ବିଶ୍ୱସନୀୟ ଉତ୍ସ ଦ୍ୱାରା ତଥ୍ୟ ଗୁଡ଼ିକର ସଠିକ୍‌ତାକୁ ନମିଳାଇ ସତ୍ୟାସତ୍ୟ ନପରଖି, କେବେ ସାମାଜିକ ଗଣମାଧ୍ୟମରେ ଏହାକୁ ଛାଡନ୍ତୁ ନାହିଁ ।

ଆସୁଥିବା ନକାରାତ୍ମକ ମନ୍ତବ୍ୟ ଭିତରକୁ ମାଡିଯାଇ ଲୋକମାନଙ୍କ ମଧ୍ୟରେ ବିତର୍କକୁ ଅଧିକ ବିବାଦୀୟ କରିବାର ସୁଯୋଗ ସୃଷ୍ଟି କରିବା ।

ତୁମର ମୂଲ୍ୟବୋଧ ଏବଂ ଆଦର୍ଶକୁ ଦୃଢ଼ ବିରୋଧ କରୁଥିବା ମନ୍ତବ୍ୟ ପାଇଁ ପ୍ରତିରକ୍ଷାତ୍ମକ କିମ୍ବା ପ୍ରତିକ୍ରିୟାଶୀଳ ନହୋଇ ବଳିଷ୍ଠ ତଥା ସମ୍ପୂର୍ଣ୍ଣ ତଥ୍ୟ ଦେଇ ପ୍ରତିଉତ୍ତର ଦେବା ।

ପୋଷ୍ଟ ଗୁଡ଼ିକ ସଂକ୍ଷିପ୍ତ ଏବଂ ସୁସ୍ପଷ୍ଟ କର । ସାମାଜିକ ଗଣମାଧ୍ୟମର ଦୃଶ୍ୟ ଚିତ୍ର ଉପରେ ଗୁରୁତ୍ୱ ରଖେ । ତେଣୁ ଦୃଶ୍ୟଚିତ୍ର ଗୁଡ଼ିକ ଅଧିକ ପ୍ରଭାବଶାଳୀ କରିବା ନିଶ୍ଚିତ କରନ୍ତୁ ।

ତୁମ ପୋଷ୍ଟଉପରେ ଆସୁଥିବା ପ୍ରତିକ୍ରିୟା ଗୁଡ଼ିକୁ ଶୁଣ ଏବଂ ତହିଁରୁ ଶିଖିବାକୁ ଇଚ୍ଛା ରଖ । ଏହା ତୁମକୁ ତମେ ବଦଳାଇବାକୁ ଚେଷ୍ଟା କରୁଥିବା ମନୋଭାବ ଏବଂ ବିଶ୍ୱାସ ଉପରେ ତଥ୍ୟ ପ୍ରଦାନ କରିପାରିବ ।

ସର୍ବଦା ସକରାତ୍ମକ ବିଚାରଧାରା ବିନିମୟ କରନ୍ତୁ । ଯେଉଁମାନେ ତୁମ ପୋଷ୍ଟ ଉପରେ ମତ ରଖୁଛନ୍ତି ସେମାନଙ୍କୁ ସେମାନଙ୍କର ସକରାତ୍ମକ ମନ୍ତବ୍ୟ ପାଇଁ ଧନ୍ୟବାଦ ତଥା ପ୍ରାପ୍ତୀ ସ୍ୱିକାର କରନ୍ତୁ । ସେମାନେ ତୁମ ମତକୁ ଆହୁରି ଫଳପ୍ରଦ ଭାବ ଓ ଭାଷା ଦେଇ ବଳିଷ୍ଠ କରି ଯୋଡୁଥିବା ତଥ୍ୟ, ଗଠନ ମୂଳକ ମନ୍ତବ୍ୟକୁ ବିନମ୍ରତାର ସହ ସ୍ୱାଗତ କରନ୍ତୁ ।

ତୁମ ପୋଷ୍ଟ ଗୁଡ଼ିକର ନିୟମିତତାକୁ

ଏକ ସ୍ଥିର ପ୍ରବାହ ସହିତ ବଜାୟ ରଖନ୍ତୁ ।

ଦୃଶ୍ୟମାନ ଗର୍ଭବତୀ ମହିଳା, ଶିଶୁ, ଗର୍ଭସ୍ଥ ଭୃଣ କିମ୍ବା ପରିଷ୍କାର ରେଖାଙ୍କିତ ଛବି, ଅସ୍ପଷ୍ଟ ମୁହଁ ଏବଂ ଭାଙ୍ଗି ପଡ଼ିଥିବା ସ୍ତ୍ରୀଲୋକମାନଙ୍କର ଛବ ଦେଖାନ୍ତୁ ନାହିଁ ସତେ ଯେମିତି ଏସବୁ ଅଧିକାର ଭୁକ୍ତ ନୁହେଁ ବରଂ ସାମାଜିକ କଳଙ୍କକୁ ପ୍ରୋତ୍ସାହିତ କରିଥାଏ

ସାମାଜିକ କଳଙ୍କକୁ ବଳବତର କରୁଥିବା ଚିରାଚରିତ ଭାଷା ବ୍ୟବହାର ଯଥା ଜନ୍ମ ହୋଇ ନଥିବା ପିଲା, ଶିଶୁ, ଗର୍ଭସ୍ଥ ଶିଶୁ ପରି ଶବ୍ଦ ଯାହାକି ବ୍ୟକ୍ତିର ବ୍ୟକ୍ତିତ୍ୱ ସୂଚକ ହୋଇଥାଏ ।

କଣ ହେବ ଯଦି ତୁମ ଅନୁଷ୍ଠାନ ଦ୍ୱାରା ପଠାଯାଇଥିବା ଏକ ପୋଷ୍ଟ ନିରାପଦ ଗର୍ଭସମାପ୍ତିକୁ ପ୍ରୋତ୍ସାହନ ଏବଂ ନିରାପଦ ଗର୍ଭସମାପ୍ତି ଯୋଗାଇପାରୁଥିବା ସ୍ଥାନୀୟ ଚିକିତ୍ସକମାନଙ୍କୁ  ଚିହ୍ନଟ କରିବାକୁ ଯାଇ ଭୟଙ୍କର ଭାବେ ବ୍ୟଭିଚାରକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ସମାଲୋଚନାର ଶିକାର ହୁଅନ୍ତି ତେବେ ତୁମେ ଏହାର କିପରି ଜବାବ ଦେବ ?

ପ୍ରତିକ୍ରିୟା ଗୁଡ଼ିକୁ ସ୍ପଷ୍ଟ ରଖନ୍ତୁ । ଏବଂ ଦୀର୍ଘ ବିନିମୟକୁ ପ୍ରୋତ୍ସାହିତ କରନ୍ତୁ ନାହିଁ ଏବଂ ସ୍ପଷ୍ଟ ଦୃଢ଼ ମତ ଦିଅନ୍ତୁ ଏବଂ ଏହା ଉପରେ ଆଉ ଅଧିକ ପ୍ରତିକ୍ରିୟା ଦିଅନ୍ତୁ ନାହିଁ ଯଦି ନକାରାତ୍ମକ ମନ୍ତବ୍ୟ ଗୁଡ଼ିକ ଜାରି ରୁହେ ଏବଂ ଅତି ଆଗକୁ ଚାଲିଯାଏ ତେବେ ବ୍ୟବହାରକାରିଙ୍କୁ ଲେଖି ଜଣାନ୍ତୁ ।

ମହିଳାମାନଙ୍କର ନିରାପତ୍ତା ଏବଂ ମର୍ଯ୍ୟାଦାକୁ ସମର୍ଥନ କରି ଏହାର ମୂଲ୍ୟବୋଧକୁ  ସେୟାର କରନ୍ତୁ

ନିରାପଦ ଗର୍ଭସମାପ୍ତିର ସୁବିଧାକୁ ବୃଦ୍ଧିକରିବା ଦ୍ୱାରା ମାତୃ ଅସୁସ୍ଥତା ଏବଂ ମୃତ୍ୟୁ ହାରକୁ କମେଇ ହେବ ବୋଲି ବୁଝାଅ ।

ଜଣେ ମହିଳାଙ୍କର ନିଜ ଶରୀର ଉପରେ, ନିଜେ କରିବାକୁ ଥିବା ଅନୁଭୂତି ଉପରେ ନିଜସ୍ୱ ଅଧିକାର ଏବଂ ପସନ୍ଦ ନେଇ ସ୍ୱତନ୍ତ୍ରତା ରହିଛି ଏହି କଥାକୁ ବାରମ୍ବାର  ଦୋହରାନ୍ତୁ ।

ବଦନାମ କଲାଭଳି ମନ୍ତବ୍ୟଗୁଡ଼ିକ କିପରି ପୁରାତନ ପିତୃକୈନ୍ଦ୍ରିକ ସାମାଜିକ ବ୍ୟବସ୍ଥାର ପ୍ରତିଫଳନ ଏବଂ ଏହା କିପରି ଜଣେ ମହିଳାର ସ୍ୱାଧୀନତାର ଅଭିବ୍ୟକ୍ତିକୁ ଦବାଇ ଦେବାକୁ ଚାହେଁ ତାହା ସୂଚାଇ ଦିଅନ୍ତୁ ।


ଆଇନଗତ ଦିଗକୁ ଅନୁସରଣ କରନ୍ତୁ । ଯୌନ ତଥା ପ୍ରଜନନ ଅଧିକାର ହେଉଛି ଏକ ମାନବିକ ଅଧିକାର । ଏହି ସବୁ ଆଇନ ଅନୁଯାୟୀ କୌଣସି ଭୟ ବା ଭେଦଭାବର ଶୀକାର ନହୋଇ ପ୍ରତି ମଣିଷର ସମାନ ଭାବରେ ନିଜକୁ ଅଭିବ୍ୟକ୍ତ କରିବାର ଅଧିକାର ଅଛି । ସୂଚାଇ ଦିଅନ୍ତୁଯେ ଏହି ନିରାପଦ ବ୍ୟବସ୍ଥା ଏମ୍.ଟି.ପି ଆକ୍ଟ ୧ ୯ ୭ ୧ ସ୍ପଷ୍ଟ କରାଯାଇଛି ।

ADVOCACY PLAN • AWARENESS
OBJECTIVES • STAKEHOLDERS • WORK
PLAN • POPULATION • MYTHS AND
MISCONCEPTIONS • IMPLEMENT
MONITOR • MEASURE • INFLUENCERS
ADVOCACY PLAN • AWARENESS
OBJECTIVES • STAKEHOLDERS • WORK
PLAN • POPULATION • MYTHS AND
MISCONCEPTIONS • STAKEHOLDERS
INFLUENCERS • LAW AWARENESS
DATA MEASURE • WORK
LAN • MONITOR DATA
• OBJECTIVESAWARENESS •
STAKEHOLDERS • WORKPLAN
• POPULATION • IMPLEMENT
MYTHS AND MISCONCEPTIONS
MONITOR • MEASURE • DATA • LAW
INFLUENCERS • POPULATION • WORK
PLAN • IMPLEMENT • STAKEHOLDERS
ADVOCACY PLAN • AWARENESS
OBJECTIVES • STAKEHOLDERS • WORK
PLAN • POPULATION • MYTHS AND

# ଗର୍ଭସମାପ୍ତି + ଜନଓକିଲାତି

ଭାରତରେ ପାଖାପାଖି ୧୫.୬ ନିୟୁତ ମହିଳାଙ୍କର ଗର୍ଭସମାପ୍ତି ୨୦୧୫ ମସିହାରେ କରାଯାଇଥିଲା । ପ୍ରତି ୧୦୦୦ ଜଣ ୧୫ରୁ ୪୯ ବର୍ଷ ପ୍ରଜନନକ୍ଷମ ବୟସର ମହିଳା ମଧ୍ୟରୁ ୪୭ ଜଣ ଗର୍ଭସମାପ୍ତି କରିଥାନ୍ତି ।[1] ୧୫.୬ ନିୟୁତ ଗର୍ଭସମାପ୍ତି କରୁଥିବା ମହିଳା ମଧ୍ୟରୁ ୫ ପ୍ରତିଶତ ବା ୦.୮ ଲକ୍ଷ ମହିଳା ସରକାରୀ ସ୍ୱିକୃତି ପାଇନଥିବା ବ୍ୟବସ୍ଥାରେ ଗର୍ଭସମାପ୍ତି କରିଥାନ୍ତି । ଅର୍ଥାତ୍ ଅଣସ୍ୱୀକୃତି ପ୍ରାପ୍ତ ଅଣପ୍ରଶିକ୍ଷିତ ଚିକିତ୍ସକ ଦ୍ୱାରା ଅଣଅନୁମୋଦିତ ସ୍ଥାନରେ ଏହି କାର୍ଯ୍ୟ କରିଥାନ୍ତି ।[2]

ଅସୁରକ୍ଷିତ ଗର୍ଭସମାପ୍ତି ଜନିତ ମାତୃ ମୃତ୍ୟୁହାର ହାରାହାରି ୮ ପ୍ରତିଶତ ହୋଇଥାଏ । ନିରାପଦ ଗର୍ଭସମାପ୍ତି ପାଇଁ ଆଡ୍‌ଭୋକେସି (ଜନ ଓକିଲାତି) କରୁଥିବାବେଳେ ଆମକୁ ତଥ୍ୟଗୁଡ଼ିକୁ ବୁଝିବାକୁ ହେବ । ଏବଂ ଆମ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରିବାକୁ ହେବ, ଯାହାଦ୍ୱାରା ଆମେ କେବଳ ସମର୍ଥନ ତିଆରି ଏଥିପାଇଁ କରୁନୁ ବରଂ ଅନ୍ୟମାନଙ୍କୁ ଏ ଦିଗରେ ସମର୍ଥନ କରିବାକୁ ପ୍ରଭାବିତ କରୁଛୁ ।




1 Singh et al., “The incidence of abortion and unintended pregnancy in India 2015”, Lancet Global Health, Volume 6, Issue 1, 2018

2 Ibid.

3 Ministry of Health and Family Welfare, Government of India ww.mohfw.nic.in/WriteReadData/c08032016/89632563214569875236.pdf

## ଆମେ କିପରି ଏକ ଆଡ୍‌ଭୋକେସି (ଜନ ଓକିଲାତି) ପ୍ରସ୍ତୁତ କରିବା ?

ମନେରଖ ନିରାପଦ ଗର୍ଭସମାପ୍ତି ଉପରେ ଜନଓକିଲାତି କରିବାପାଇଁ ଏହା ଏକ ଗଠନମୂଳକ ଏବଂ କ୍ରମାନ୍ୱୟ ପ୍ରକିୟା ପ୍ରଦାନ କରିଥାଏ । ଯଦିଓ ଜନଓକିଲାତି ପାଇଁ ହେଉଥିବା ଉଦ୍ୟମ ପ୍ରାୟତଃ ବ୍ୟବସ୍ଥିତ ଢଙ୍ଗରେ ହେବା ଆବଶ୍ୟକ ଏବଂ ନିର୍ଦ୍ଦିଷ୍ଟ ପରିସ୍ଥିତିର ନିରାପଦ ପ୍ରତିକ୍ରିୟା ଭାବରେ ପ୍ରକାଶିତ ହୋଇଥାଏ ।

1 ପ୍ରସଙ୍ଗଂକୁ ବୁଝିବା ।

2 ଜନଓକିଲାତି'ର ଉଦ୍ଦେଶ୍ୟ ସ୍ଥିର କରିବା ।

3 ହିତାଧିକାରୀମାନଙ୍କର ସ୍ଥିତି ଏବଂ ସଂଖ୍ୟା ନିର୍ଣ୍ଣିତ କରିବା ।

4 କାର୍ଯ୍ୟଯୋଜନା ରୂପରେଖ ପ୍ରସ୍ତୁତ କରିବା ।

5 କାର୍ଯ୍ୟଯୋଜନାକୁ କାର୍ଯ୍ୟକାରୀ କରିବା ।

6 ସଫଳତା ଗୁଡ଼ିକୁ ତଦାରଖ ତଥା ଆକଳନ କରିବା ।

# ପ୍ରସଙ୍ଗକୁ ବୁଝିବା

ସ୍ଥିତିକୁ ବୁଝିବା ପାଇଁ ପ୍ରମାଣଗୁଡ଼ିକୁ ଅଧ୍ୟୟନ କରିବା । ବିଭିନ୍ନ ଉତ୍ସ ଯେପରିକି ଏନ୍‌ଏଫ୍‌ଏଚ୍‌ଏସ-୪ (NFHS-4) ଜିଲ୍ଲା ତଥ୍ୟ ପ୍ରଦାୟୀ ପତ୍ର । ଆଞ୍ଚଳିକ ଅଧ୍ୟୟନ, ସରକାରୀ କର୍ତ୍ତୃପକ୍ଷ ଏବଂ ବ୍ୟବହାରକାରୀ ତଥା ସମ୍ଭାବ୍ୟ ହିତାଧିକାରୀମାନଙ୍କ ସହିତ ପାରସ୍ପରିକ ଆଲୋଚନା ଗୁଡ଼ିକୁ କାର୍ଯ୍ୟରେ ଲଗାଇବା ।




ଦେଶର **୧୦ ପ୍ରତିଶତ** ଜନସାଧାରଣ ବିହାର ଏବଂ ଝାଡଖଣ୍ଡରେ ବାସ କରନ୍ତି କିନ୍ତୁ ସମସ୍ତ ଗର୍ଭସମାପ୍ତି ସମ୍ବନ୍ଧିତ ସୁଯୋଗ ସୁବିଧାର ମାତ୍ର **୧ ପ୍ରତିଶତ** ଏହି ରାଜ୍ୟ ଦୁଇଟିରେ ଥିବାର ଜଣାଯାଏ ।

ଗୁଟମାଚ୍ଚର ଅନୁଷ୍ଠାନର ଏକ ଅଧ୍ୟୟନରୁ ଜଣାଯାଏ ଯେ ବିଶେଷକରି ବିହାର ଏବଂ ଝାଡ଼ଖଣ୍ଡ ଏହି ଦୁଇରାଜ୍ୟର ୭୫ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବାବେଳେ ଆଇନଗତ ଗର୍ଭସମାପ୍ତି ସେବାଗୁଡ଼ିକ ଯଥେଷ୍ଟ ଭାବେ ପହଞ୍ଚିପାରୁ ନାହିଁ ।

4 Ibid.

5 Kalyanwala S, et al., "Adoption and continuation of contraception following medical or Surgical abortion in Bihar and Jharkhand, India", International Journal of Gynaecologists and Obstetrics, 118 Suppl 1:S47–51, 2012

6 Patel L, et al., "Support for provision of early medical abortion by mid-level providers in Bihar and Jharkhand, India", Reproductive Health Matters, 17(33):70–9. pmid:19523584, 2009

7 Duggal R, et al., "The abortion assessment project India: key findings and recommendations", Reproductive Health Matters, 12 (24 Suppl):122–9, 2004

ତୁମ ପରିପ୍ରେକ୍ଷୀରେ ସୁରକ୍ଷିତ ଗର୍ଭସମାପ୍ତିର ପ୍ରତିବନ୍ଧକକୁ ବୁଝିବ ।

ଆଇନ୍, ନୀତି, କାର୍ଯ୍ୟକ୍ରମ ତଥା ସେବା ଯୋଗାଣ କ୍ଷେତ୍ରରେ ସମନ୍ୱୟର ଅଭାବ ।

ସାମାଜିକ କଳଙ୍କ

ତାଲିମ ପ୍ରାପ୍ତ ସେବା ପ୍ରଦାନକାରୀଙ୍କ ଅଭାବ ଏବଂ ପ୍ରଶିକ୍ଷିତ ସେବା ପ୍ରଦାନକାରୀଙ୍କୁ ପାଇବା ବହୁତ କମ୍ ।

ଗୋଷ୍ଠୀ ଗୁଡ଼ିକରେ ନିରାପଦ ଗର୍ଭସମାପ୍ତି ସେବା ବିଷୟରେ କମ୍ ଜ୍ଞାନ ।

ଯୋଜନା କରିବା ଉଦ୍ଦେଶ୍ୟରେ ଗର୍ଭସମାପ୍ତି ଉପରେ ତଥ୍ୟର ଅଭାବ ଗୁଟମାକର ଅନୁଷ୍ଠାନରେ ଅଧ୍ୟୟନ ପରିସର ବାହାରେ ସେପରି କୌଣସି ଗବେଷଣାତ୍ମକ ଅଧ୍ୟୟନ ହୋଇଥିବା ଉପଲବ୍ଧ ହୁଏନାହିଁ ।

କାଳ୍ପନିକ ଚିନ୍ତାଧାରା ତଥା ଭ୍ରାନ୍ତ ଧାରଣା ।


ପିସି.ପିଏନ୍.ଡିଟି ଆଇନ୍ ଏବଂ ଏମ୍‌ଟିପି ଆଇନ୍ ମଧ୍ୟରେ ଥିବା ପାର୍ଥକ୍ୟ ଉପରେ ଆଇନଗତ ସଚେତନତାର ଅଭାବ ।

## ଜନ ଓକିଲାତିର ଲକ୍ଷ୍ୟ ଗୁଡ଼ିକୁ ସ୍ଥିର କରିବା ।

ଦୀର୍ଘ ସୂତ୍ରୀ ଲକ୍ଷ୍ୟ ଏବଂ ସ୍ମାର୍ଟ (SMART) ସ୍ୱଳ୍ପ ଅବଧି ଉଦ୍ଦେଶ୍ୟ ଚିହ୍ନଟିକରଣ ।

**ବୃହତ ଲକ୍ଷ୍ୟ**

ଝାଡ଼ଖଣ୍ଡରେ ପ୍ରଜନନକ୍ଷମ ବୟସର ସ୍ତ୍ରୀଲୋକଙ୍କୁ ୨୦୨୩ ସୁଦ୍ଧା ନିରାପଦ ତଥା ଆଇନଗତ ଗର୍ଭସମାପ୍ତି ସେବା ଯୋଗାଇ ଦେବାକୁ ସୁନିଶ୍ଚିତ କରିବ ।



ସ୍ମାର୍ଟ (SMART) ଲକ୍ଷ୍ୟ ଜିଲ୍ଲା ସ୍ତରରେ ଗୋଟିଏ ବର୍ଷ ଭିତରେ (୨୦୧୯) ଶେଷ ସୁଦ୍ଧା) ଆଇନଗତ ତଥା ପ୍ରଶିକ୍ଷିତ ଗର୍ଭସମାପ୍ତି ସେବା ପ୍ରଦାନକାରୀଙ୍କ ସଙ୍ଖ୍ୟାରେ ୨୫ ପ୍ରତିଶତ ବୃଦ୍ଧିକୁ ସୁନିଶ୍ଚିତ କରିବା । ଜିଲ୍ଲାସ୍ତରୀୟ କମିଟି କ୍ରିୟାଶୀଳ ହୋଇଛି ବୋଲି ସୁନିଶ୍ଚିତ କରିବାପାଇଁ (ଏହା ଆଗରୁ ପ୍ରତିଷ୍ଠା ହୋଇସାରିଛି ବୋଲି ମାନିନେବେ) ।

8. SMART Objective: In designing an objective, ensure that it is Specific, Measurable, Attainable, Relevant and Time-bound.

# ହିତାଧିକାରୀମାନଙ୍କ ସ୍ଥିତି ଓ ସଂଖ୍ୟା ନିର୍ଣ୍ଣାୟକ

**ନିଷ୍ପତି ନିର୍ଣ୍ଣାୟକକାରୀ ଯିଏ ଏହି ଉଦ୍ଦେଶ୍ୟକୁ ହାସଲ କରିବାକୁ ସମର୍ଥ ତଥା ପ୍ରଭାବ ସୃଷ୍ଟିକାରୀ ଯିଏ ନିଷ୍ପତି ନିର୍ଣ୍ଣୟକାରୀଙ୍କ ପାଖରେ ଆମର ବାର୍ତ୍ତାଗୁଡ଼ିକ ପହଞ୍ଚାଇବା ପାଇଁ ସକ୍ଷମ ଥିବେ ତାଙ୍କୁ ଚିହ୍ନଟ କର। (ଯାହାଙ୍କୁ ସେ ଶୁଣନ୍ତି)।**

## ସହଯୋଗୀମାନଙ୍କୁ ଚିହ୍ନଟ କରି ଅଲଗା କରିବା

ଏହି ବୃହତ ପରିସରରେ ଅଭିନେତାମାନେ ନିତୀ ନିର୍ଦ୍ଧାରକମାନଙ୍କର ବିଗ୍ରରଧାରାକୁ ଉଚିତ୍ ବାର୍ତ୍ତା ପ୍ରେରଣ କରିପାରିବେ, ଜନ ଓକିଲାତିର ପ୍ରକ୍ରିୟା ସ୍ୱରୂପ ତୁମର କାର୍ଯ୍ୟ ପାଇଁ ରଣନୀତିର ସମନ୍ୱୟ ବିଷୟରେ ଚିନ୍ତା କରନ୍ତୁ। କାରଣ ଏହି ପ୍ରକ୍ରିୟାରେ ଆପଣଙ୍କୁ ପାରମ୍ପାରିକ ଭାବେ ପୂର୍ବରୁ ସହଯୋଗୀ ନଥିବା ହିତାଧିକାରୀମାନଙ୍କ ସହିତ ମଧ କାମ କରିବାର ଆବଶ୍ୟକ ପଡିପାରେ।

## ତୁମର ବିରୋଧୀକୁ ଜାଣ

ବିରୋଧୀ ବା ପ୍ରତିଦ୍ୱନ୍ଦୀଙ୍କର ପ୍ରକୃତି/ସ୍ୱଭାବ ବୁଝିବା ଗୁରୁତ୍ୱପୂର୍ଣ୍ଣ ଅଟେ। ବିଶେଷକରି ଗର୍ଭସମାପ୍ତି କରିବାର ଅଧିକାରକୁ ସ୍ୱୀକାର କରିବା ଏବଂ ଏହା ବିରୁଦ୍ଧରେ ବ୍ୟବହାର ଯୁକ୍ତିର ପ୍ରକାର ଯାହା ଦେଶ / ରାଜ୍ୟ / ଆଞ୍ଚଳିକ ଭିତ୍ତିରେ ନିର୍ଦ୍ଧିଷ୍ଟ ଅଟେ।

### ନିଷ୍ପତି ନିର୍ଣ୍ଣାୟକ ମୂଖ୍ୟ ଚିକିତ୍ସା ଅଧିକାରୀ (ସିଏମ୍ଓ)

ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଡିଏଚ୍ଓ) ଜିଲ୍ଲା ସ୍ତରୀୟ କମିଟିର ସଭ୍ୟବୃନ୍ଦ (ସାଇଟ୍ ପଞ୍ଜୀକରଣ)

### ପ୍ରତ୍ୟକ୍ଷ ପ୍ରଭାବ ସୃଷ୍ଟିକାରୀ ସ୍ଥାନୀୟ

ସ୍ୱାସ୍ଥ୍ୟ ସେବା ବିତରଣ ବ୍ୟବସ୍ଥାର ପ୍ରତିନିଧି, ବୃହତ ବେସରକାରୀ ଅନୁଷ୍ଠାନ, ଯାନ୍ତ୍ରୀକ ଜ୍ଞାନ କୌଶଳ ସହାୟତାକାରୀ ଗୋଷ୍ଠୀ ଯେଉଁମାନେ ସରକାରୀ ସଂସ୍ଥା ସହିତ କାମ କରନ୍ତି।

### ପ୍ରଭାବ ସୃଷ୍ଟିକାରୀ

ସହଯୋଗୀ ଗଣମାଧ୍ୟମ, ବିଦ୍ୱାନି ତଥା ଗବେଷକ, ଏନ୍‌ଜିଓ ତଥା ମହିଳା ଗ୍ରୁପ୍, ନେଟୱାର୍କ, ବୃତ୍ତିଗତ ସଂଗଠନ ଯଥା ଫୋଗସି, ଓକିଲଦଳ।

ବିରୋଧୀ ଜୀବନ-ସପକ୍ଷବାଦୀ ଗୋଷ୍ଠୀ

ଧାର୍ମିକ ନେତୃବୃନ୍ଦ।

## ଗୋଟିଏ କାର୍ଯ୍ୟଯୋଜନା ପ୍ରସ୍ତୁତ କରି କାର୍ଯ୍ୟାନ୍ୱିତ କରିବା

ଏକ କାର୍ଯ୍ୟଯୋଜନା ନିମ୍ନଲିଖିତ ତଥ୍ୟ ସହିତ ଗୁଡ଼ିଏ ପଦକ୍ଷେପ ନେଇପାରିବ ।

**ବ୍ୟବହାର ଉପଯୋଗୀ ବିଭିନ୍ନ ମଞ୍ଚ ଗୁଡିକ ଯଥା :** ସାମନା ସାମନି ବସି ଆଲୋଚନା ସଭା କରିବା, ଆଡଭୋକେସୀ କିଟ୍ (ଜନଓକିଲାତି ସମସ୍ତ ଉପକରଣ), ସଠିକ୍ ତଥ୍ୟ ବିବରଣୀ, ଜନ ସାଧାରଣଙ୍କୁ ନେଇ ରାଲି, ଜନ ବିତର୍କ, ଲିଖିତ ଦରଖାସ୍ତ, ପ୍ରେସ ଇସ୍ତାହାର, ନୀତି ଉପରେ ଆଲୋଚନା ମଞ୍ଚ ସଭା ଇତ୍ୟାଦି ।

- ☑ କେଉଁ କେଉଁ କାର୍ଯ୍ୟସବୁ କରାଯିବ ଏବଂ କିଏ ସେ ସବୁକୁ ପରିଚାଳନା କରିବ ?
- ☑ ସମୟସୀମା
- ☑ ବଜେଟ୍
- ☑ ଯୋଜନା କରିବା ଏବଂ ବାର୍ତ୍ତା ପ୍ରସ୍ତୁତ କରିବା ।

### କାର୍ଯ୍ୟକ୍ରମ- ୧

ଆଡ଼ଭୋକେସୀ (ଜନ ଓକିଲାତି) ପାଇଁ ଉପକରଣ ପ୍ରସ୍ତୁତ କର । ହିତାଧିକାରୀଙ୍କ ସୂଚନାର ଆବଶ୍ୟକତା ଅନୁଯାୟୀ ଗର୍ଭସମାପ୍ତି ସେବା ଏବଂ ଅନ୍ୟାନ୍ୟ ପ୍ରମୁଖ ତଥ୍ୟକୁ ଭିତ୍ତି କରି ଏକ ପ୍ୟାକେଜ୍ ତିଆରି କର । ପ୍ରତ୍ୟେକ ହିତାଧିକାରୀଙ୍କ ଆବଶ୍ୟକତା ଅନୁଯାୟୀ ଛୋଟ ତଥ୍ୟପୂର୍ଣ୍ଣ ବିବରଣୀ, ମାର୍ଗ ଦର୍ଶିକା, କାର୍ଯ୍ୟଧାରା ଇତ୍ୟାଦି ପ୍ରସ୍ତୁତ ଯାଇପାରିବ । ଅନ୍ୟ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକୁ ମଧ ଏହି କାମରେ ବ୍ୟବହାର କରାଯାଇପାରିବ ।

**କାହା ଦ୍ୱାରା**

ବେସରକାରୀ ସଂସ୍ଥା ଏନ୍‌ଜିଓର ଆଡଭୋକେସୀ (ଜନ ଓକିଲାତି) ଦଳ

**ସମୟ ସୀମା**

୧୫ ଦିନ

**ବଜେଟ୍**

୧୦,୦୦୦ଟଙ୍କା

## କାର୍ଯ୍ୟକ୍ରମ- ୨

(କ) ସଂଗ୍ରହକରିଥିବା ତଥ୍ୟାବଳୀକୁ ପ୍ରଭାଶାଳୀ ବ୍ୟକ୍ତି ବିଶେଷଙ୍କ ସହିତ ମୁହାଁମୁହିଁ ସଭାମଞ୍ଚରେ ଡାକି ଆଲୋଚନା କର । ସେମାନଙ୍କୁ ଏଦିଗରେ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତାକୁ ବୁଝାଇବାରେ ସମର୍ଥ କରିବା । ସେମାନଙ୍କୁ ଏଥିପାଇଁ ସୁନିର୍ଦ୍ଦିଷ୍ଟ ପଦେକ୍ଷେପ ନେବା ପାଇଁ ସିଏମ୍ଓ / ଡି.ଏଚ.ଓଙ୍କୁ ଅନୁମୋଦନ ପାଇଁ ଅନୁରୋଧ କରିବା । ସେମାନେ ଯେପରି ସିଏମ୍ଓ / ଡିଏଚଓଙ୍କ ସହିତ ଏକ ବୈଠକରେ ମିଳିତ ହୋଇପାରିବେ । ସେଥିପାଇଁ ସମସ୍ତ ଆୟୋଜନ କର ଏବଂ ତଥ୍ୟ ସବୁ ଯୋଗାଇଦିଅ । ଏବଂ ଜିଲ୍ଲାସ୍ତରୀୟ କମିଟିରେ ଉପସ୍ଥାପନ କର ।

**କିମ୍ବା**

(ଖ) ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ସହିତ ହିତାଧିକାରୀମାନଙ୍କର ଏକ ମିଳିତ ବୈଠକ ଆୟୋଜନ କର । ଯେଉଁଠାରେ ସଠିକ୍ ତଥ୍ୟଗୁଡ଼ିକୁ ବିନିମୟ କର ଏବଂ ଏଗୁଡ଼ିକ ଉପରେ ଆଲୋଚନା ପାଇଁ ମଞ୍ଚଟିଏ ଯୋଗାଇ ଦିଅ । ଯଦି ସମ୍ଭବ ହୁଏ ସଭା ଶେଷ ଆଡକୁ ସିଏମ୍ଓ / ଡି.ଏଚ୍.ଓଙ୍କୁ କିମ୍ବା ଜିଲ୍ଲାସ୍ତରୀୟ କମିଟିର ସଭ୍ୟମାନଙ୍କୁ ଆମନ୍ତ୍ରଣ କରି ଏବଂ ସେମାନଙ୍କ ଉପସ୍ଥିତିରେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଅନୁମୋଦିତ ପ୍ରସ୍ତାବକୁ ଉପସ୍ଥାପନ କର ।

| କାହା ଦ୍ୱାରା | ସମୟ ସୀମା | ବଜେଟ୍ |
|---|---|---|
| ବେସରକାରୀ ସଂସ୍ଥା ଏନ୍‌ଜିଓର ଆଡଭୋକେସୀ (ଜନ ଓକିଲାତି) ଦଳ | ୧୫ ଦିନ | ୨୫,୦୦୦ ଟଙ୍କା - ୫୦,୦୦୦ ଟଙ୍କା |

## କାର୍ଯ୍ୟକ୍ରମ :୩

## ବୈଠକର ପରବର୍ତ୍ତୀ କାର୍ଯ୍ୟ

(କ) 'କ'ର ବିକଳ୍ପ:- ପ୍ରାରମ୍ଭିକ ବୈଠକ ପରେ ବସି ନଯାଇ ସେଇ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଏହାର ଆବଶ୍ୟକତାକୁ କେତେଦୂର ସଠିକ୍ ସ୍ଥାନରେ ଉପସ୍ଥାପିତ କରିବାକୁ ସକ୍ଷମ ହୋଇଛନ୍ତି କି ନାହିଁ ଏହାକୁ ଅନୁଧାନ କରନ୍ତୁ । ଏହାକୁ ତ୍ୱରିତ କରିବାରେ ସେମାନଙ୍କୁ ସହାୟତା କରନ୍ତୁ ।

(ଖ) 'ଖ'ର ବିକଳ୍ପ:- ସିଏମ୍ଓ / ଡିଏଚ୍ଓକୁ ଭେଟି ସହମତି ହୋଇଥିବା କାର୍ଯ୍ୟକ୍ରମ ଗୁଡ଼ିକ କେତେବାଟ ଆଗେଇଛି ସେ ବିଷୟରେ ପଗ୍ଭରି ବୁଝନ୍ତୁ ।

**କାହାଦ୍ୱାରା**
ଏନ୍‌ଜିଓ (ବେସରକାରୀ ସଂସ୍ଥା) ଆଡଭୋକେସୀ (ଜନ ଓକିଲାତି ଦଳ)

**ସମୟ ସୀମା**
୧ ମାସ

**ବଜେଟ୍**
୧୫,୦୦୦ଟଙ୍କା

## ସଫଳତା ଉପରେ ନଜର ରଖିବା ତଥା ଏହାକୁ ମାପିବା ।

ସ୍ୱଳ୍ପ କାଳୀନ ଫଳାଫଳ ପରିଣାମ ) ଏବଂ ଦୀର୍ଘକାଳୀନ ଫଳାଫଳ (ପରିଣାମ)

ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ
ଅନୁଷ୍ଠିତ ବୈଠକ ସଂଖ୍ୟା ।

ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଦେବା ପାଇଁ କେତେ
ସଂଖ୍ୟକ ଜନ ଓକିଲାତି ସାମଗ୍ରୀ ପ୍ରସ୍ତୁତ ହୋଇଛି ।

କେତୋଟି ପରବର୍ତ୍ତୀ ସଭା ଅନୁଷ୍ଠିତ
ହୋଇଛି ।

କାର୍ଯ୍ୟସ୍ଥଳ ତଥା ସେବା
ପ୍ରଦାନକାରୀଙ୍କର ପଞ୍ଜୀକରଣ ସଂଖ୍ୟା କେତେ ବଢ଼ିଛି ।

# କଣ କରିବ ଏବଂ କଣ କରିବନି ଜନ ଓକିଲାତି ଯୋଜନାରେ

## ନିଶ୍ଚିତ କର

ତୁମର ଉଦ୍ଦେଶ୍ୟଗୁଡ଼ିକ ସ୍ମାର୍ଟ ମାନଦଣ୍ଡ ଅନୁସାରେ ହୋଇଛି

ଅଯଥା ଉଚ୍ଚାଭିଳାଷି ହୋଇ ଉଦ୍ଦେଶ୍ୟଗୁଡ଼ିକୁ **ବାଛ ନାହିଁ ।**

ନିଷ୍ପତି ନିର୍ଣ୍ଣାୟକ ମାନଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତି ଗୁଡ଼ିକ ସମ୍ପର୍କରେ ଅଧିକରୁ ଅଧିକ ଭଲ ଭାବେ ଅଧ୍ୟୟନ କର ଏବଂ ତଦନୁଯାୟୀ ନିଜର ରଣନୀତିକୁ ପ୍ରସ୍ତୁତ କର ।

ଏପରି ଭାବିନିଅ ନାହିଁ ଯେ, ଗର୍ଭସମାପ୍ତି ସମ୍ବନ୍ଧରେ ତୁମେ ଯେତେ ଅଧିକ ଜାଣିଛ ସେତକି ନିଷ୍ପତ୍ତି ନିର୍ଣ୍ଣାୟକମାନେ ଜାଣିଛନ୍ତି । ଗର୍ଭସମାପ୍ତି ସମ୍ପର୍କରେ ସଠିକ୍ ତଥ୍ୟାବଳୀ ଏବଂ ସଂକ୍ଷିପ୍ତ ଜନଓକିଲାତି ଫର୍ଦ୍ଦକୁ ନେଇ ନିଜକୁ ପ୍ରସ୍ତୁତ କର କିନ୍ତୁ ଅତିରିକ୍ତ କୁହ ନାହିଁ ।

ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ପୂରଣ କରିବା ଦିଗରେ ନୀତିନିର୍ଦ୍ଧାରଣର ପରିବେଶ କେତେଦୂର ଅନୁକୂଳ ତାହାର ମୂଲ୍ୟାୟନ କର ତଥା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ସମୟ ଅନୁକୂଳ ଅଛି କିମ୍ବା ନାହିଁ ତା'ର ଆକଳନ କର ।

ଆଞ୍ଚଳିକ ତଥା ଜାତୀୟ ପରିବେଶକୁ ମୂଲ୍ୟାୟନ କରିବାକୁ ଯେପରି ଭୂଲି ନଯାଅ କାରଣ ଏହା ତୁମର ସଫଳତାକୁ ସାହାଯ୍ୟ କରିପାରେ କିମ୍ବା ବାଧା ଦେଇପାରେ ।

ମନେରଖନ୍ତୁ ଯେ, ନୂଆ ନୂଆ ଘଟୁଥିବା ପରିବର୍ତ୍ତନ ଅନୁସାରେ ଆପଣଙ୍କର ଯୋଜନାକୁ ପରିବର୍ତ୍ତନ କରିବା ଦରକାର ।

ଏକୁଟିଆ କିଛି କରନ୍ତୁ ନାହିଁ । ଯେତେ ଆଗକୁ ବଢୁଥିବ ସେତେ ତୁମ ଜନ ଓକିଲାତି ସହଯୋଗୀଙ୍କ ସହିତ ପରାମର୍ଶ ଜାରିରଖ ।

ତୁମର ଜନ ଓକିଲାତି ସାମଗ୍ରୀ / ବାର୍ତ୍ତାଳାପ ଗୁଡ଼ିକରେ ସରଳ ଭାଷା ବ୍ୟବହାର କର । ଅଜାତ ଶିଶୁ / ଭୃଣର ମୃତ୍ୟୁଭଳି ଶବ୍ଦ ବ୍ୟବହାର କରନ୍ତୁ ନାହିଁ । ମାଆ ଏବଂ ଗର୍ଭବତୀ ସ୍ତ୍ରୀ ଏହି ଭଳି ଦୁଇଟି ଶବ୍ଦକୁ ବଦଳାଇ ବ୍ୟବହାର କରନ୍ତୁ ନାହିଁ । ଅଧିକ ତଥ୍ୟ ପାଇଁ "ଗର୍ଭସମାପ୍ତି + ଯୋଗାଯୋଗ" ସମ୍ବନ୍ଧିତ ବିଷୟ ଦେଖ ।

#ABORTTHESTIGMA
for safe abortion access & reproductive justice.

**Credits:**
Editorial:
Bishakha Datta
Zarah Udwadia

Design:
Kritika Trehan

## About CREA

Founded in 2000, CREA is a feminist human rights organization based in the global South, and led by Southern feminists, that works at the grassroots, national, regional and international levels. CREA builds feminist leadership, expands sexual and reproductive freedoms and advances human rights of all women, girls and trans people.

7 Jangpura B, Mathura Road,
New Delhi 110014, India
91-11-2437-7707
crea@creaworld.org
www.creaworld.org

## CREA: ପରିଚୟ

୨୦୦୦ ରେ ପ୍ରତିଷ୍ଠିତ, CREA ହେଉଛି ଏକ ନାରୀବାଦୀ ମାନବିକ ଅଧିକାର ସଂଗଠନ (ଦିଲ୍ଲୀ), ଭାରତରେ ଅବସ୍ଥିତ । CREA ମହିଳା ଏବଂ ଝିଅ ମାନଙ୍କୁ ମାନବ ଅଧିକାର ସମ୍ପର୍କରେ ଆଲୋଚନା କରିବା, ଦାବୀ କରିବା ଏବଂ ଅଧିକାର ପାଇବା ପାଇଁ ସଶକ୍ତ କରୁଅଛି । ହାସହିତ, CREA ମାନବାଧିକାର ଆନ୍ଦୋଳନ ସହିତ ଜଡ଼ିତ ଏହା ସହିତ ଏବଂ ନେଟଓ୍ୱର୍କ ମାନଙ୍କ ସହିତ ମିଶି ସମସ୍ତଙ୍କ ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଅଧିକାର ସ୍ୱାଧୀନତା ପାଇଁ କାର୍ଯ୍ୟ କରୁଛି । CREA ଗୋଷ୍ଠୀ, ପ୍ରାଦେଶିକ, ରାଷ୍ଟ୍ରୀୟ ଏବଂ ଅନ୍ତରାଷ୍ଟ୍ରୀୟ ମଞ୍ଚ ମାଧମରେ ସକାରାତ୍ମକ ସାମାଜିକ ପରିବର୍ତ୍ତନ ପାଇଁ କାର୍ଯ୍ୟ କରୁଛି ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ମାନଙ୍କୁ ପ୍ରଶିକ୍ଷଣ ଦେଉଛି ।

## About CommonHealth

Constituted in 2006, CommonHealth is a rights-based, multi-state coalition of organization and individuals that advocates for increased access to sexual and reproductive health care and services to improve health conditions of women and marginalized communities. Within sexual and reproductive health and rights, CommonHealth concentrates its efforts largely on maternal health and Safe abortion. The coalition draws its membership from diverse disciplines, thematic areas and geographies within the country.

## CommonHealth : ପରିଚୟ

୨୦୦୬ ରେ ପ୍ରତିଷ୍ଠିତ CommonHealth ଏକ ଅଧିକାର ଆଧାରିତ, ବ୍ୟକ୍ତିବିଶେଷ ଏବଂ ସଂଗଠନ ମାନଙ୍କର ବହୁରାଜ୍ୟ ମିଳିତ ମଞ୍ଚ । ଏହା ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ସେବା ଓ ଯତ୍ନ କିପରି ସହଜରେ ମିଳିପାରିବ ଏବଂ କିପରି ମହିଳା ଏବଂ ଅ ବହେଳିତ ଗୋଷ୍ଠୀ ମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ ସେଥିପାଇଁ ଜନ ଓକିଲାତି କରି ଆସୁଛି । ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ମଧରେ ବିଶେଷ ଭାବେ ମାତୃ ସ୍ୱାସ୍ଥ୍ୟ ଏବଂସୁରକ୍ଷିତ ଗର୍ଭ ସମାପ୍ତି ସେବା ଉପରେ ଅଧିକ ଧାନ ଦେଉଛି । ଏହି ମଞ୍ଚର ସଦସ୍ୟମାନେ ବିଭିନ୍ନ ବର୍ଗ, ବିଭାଗ ଏବଂ ଦେଶର ବିଭିନ୍ନ ଭୌଗଳିକ କ୍ଷେତ୍ରରୁ ଆସିଛନ୍ତି ।